ଓଡ଼ିଶାର ଲୋକକଥା

ଶ୍ରୀ ରଘୁନାଥ ରାଉତ

Digitized by srujan

ଓଡ଼ିଶାର ଲୋକକଥା

(ତୃତୀୟ ଭାଗ)

ଲେଖକ

ରଘୁନାଥ ରାଉତ

ସଭାପତି, ଓଡ଼ିଶା ଶିଶୁ ସାହିତ୍ୟ ପରିଷଦ

ସୁଧା ପ୍ରକାଶନ

ବାଖରାବାଦ, କଟକ-୨

Digitized by srujanika@gmail.com

ଓଡ଼ିଶାର ଲୋକକଥା
(ତୃତୀୟ ଭାଗ)

ଲେଖକ :

ଶ୍ରୀ ରଘୁନାଥ ରାଉତ

ପ୍ରକାଶକ :

ସୁଧା ପ୍ରକାଶନ
ବାଖରାବାଦ, କଟକ-୨

ଦ୍ୱିତୀୟ ସଂସ୍କରଣ-୧୯୯୭

ପ୍ରଚ୍ଛଦପଟ :

ଅସିତ ମୁଖାର୍ଜୀ

ମୁଦ୍ରଣ :

ଲିପିକାର, ଝାଞ୍ଜିରୀମଙ୍ଗଳା, କଟକ-୯

ମୂଲ୍ୟ **ଟ ୧୭-୦୦**

Digitized by srujanika@gmail.com

ପୂର୍ବାଭାଷ

ଓଡ଼ିଶାର ସବୁ ଅଞ୍ଚଳକୁ ଗଲେ ସେଠାରେ ସେହି ଅଞ୍ଚଳର କିଛି ନା କିଛି ପ୍ରଚଳିତ ଲୋକକଥା ଶୁଣିବାକୁ ମିଳିଥାଏ । ଏହାର କଥାକାରମାନେ ଅଜ୍ଞାତ । ତଥାପି ଏଥିରୁ କିଛି ନା କିଛି ଶିକ୍ଷଣୀୟ କଥାବସ୍ତୁ ମିଳେ । ଆଗେ ଲୋକମାନେ ପଢ଼ି ଜାଣିନଥିଲେ । ତେଣୁ ଗଳ୍ପ ମାଧ୍ୟମରେ ସେମାନେ କେତେକ ନୀତିକଥା ଓ କିଛି କିଛି ଜ୍ଞାନ ଅର୍ଜନ କରୁଥିଲେ—ଏଥିରେ ସନ୍ଦେହର ଅବକାଶ ନାହିଁ । ସେଇ କାଳରୁ ଏହା ଲୋକମୁଖରେ ଲୋକକଥା ସ୍ୱଭାବରେ ପ୍ରଚଳିତ ହୋଇଆସୁଛି । ଆଜିକାଲି ଲୋକମାନେ ଗାଉଁଲି ଜୀବନକୁ ଛାଡ଼ି ସହରାଭିମୁଖୀ ହେଉଛନ୍ତି । ତେଣୁ ପୂର୍ବର ଲୋକକଥାକୁ ଭୁଲିଯିବା କିଛି ବଡ଼କଥା ନୁହେଁ ।

ଆମ୍ଭେମାନେ ଆମ୍ଭର ପୂର୍ବପୁରୁଷଙ୍କୁ ମନେରଖିବା, ସେମାନଙ୍କର ପ୍ରଚଳିତ ଲୋକକଥାକୁ ମନେରଖିବା ଆଶା କରି ପୁସ୍ତକଟି ଲେଖିଛି । ଆଶା, ପିଲାମାନେ ଏହି ପୁସ୍ତକଟି ପଢ଼ି ଖୁସିହେବେ ।

ଲେଖକ

Digitized by srujanika@gmail.com

ଏଥିରେ ଅଛି

	ବିଷୟ	ପୃଷ୍ଠା
୧ ।	ଢନକୁ ପୁଞ୍ଜାଏ ବାଘ ଜଳଖିଆ	୧
୨ ।	ଚେପଟା ନାକୀ ଦନ୍ତି ସୁଡ଼ୁଙ୍କୀ	୭
୩ ।	ଊଠରେ ପୂଚା ଊଠ	୧୨
୪ ।	ବଉଳା ଗାଈ	୧୬
୫ !	ଅତି ଲୋଭର ଫଳ୍	୨୦
୬ ।	ସେଦନୁ କୁଳହା କରେ ହୁଆ ହୁଆ	୨୩
୭ ।	ଗଡ଼ ଗଡ଼ ଯାଏ ଲଉ ଧୂଡ଼ୁକ	୨୭
୮ ।	ମଣ୍ଡାଗଛ ଓ ବୁଢ଼ୀ ଅସୁରୁଣୀ କଥା	୩୧
୯ ।	ଘଦୁ ଘୁଞ୍ଚୁ ଘୁଞ୍ଚୁ ଯାଉଛି	୩୯
୧୦ ।	ପର ଧନକୁ ଯିଏ ଲୋଭ କରେ	୪୪
୧୧ ।	ବୁଢ଼ାବୁଢ଼ୀଙ୍କ ଚକୁଳି କଳି	୫୧
୧୨ ।	ଅଳସୁଆଙ୍କ କଳି	୫୬
୧୩ ।	ଯୋଗୀ ଆସିଲେ କେଉଁଠୁ ?	୬୩
୧୪ ।	ଧୋବା ଫସ୍ ଫସ୍ କରେ କାହିଁକି	୬୮
୧୫ ।	ଢ' ସଙ୍ଗାତ	୭୨

Digitized by srujanika@gmail.com

ଧନକୁ ପୁଞ୍ଜାଏ ବାଘ ଜଳଖିଆ

"ଛେଳଟିଏ ଥାଏ ।"

"ହୁଁ ।"

"ଦାଢ଼ିଆ ଛେଳଟିଏ ।" ତା'ର ଏହେଁ ଲମ୍ବର ଦାଢ଼ି ।"

"ହୁଁ ।"

ଥରକର ଚର ବୁଲଆସିବ କ'ଣ ବଣରେ ବାଟବଣା ହୋଇ ରହିଗଲା । ସୂର୍ଯ୍ୟ ଦେବତା କୋଉ ପହରୁ ବୁଡ଼ିଲେଣି । କଟିମିଟିଆ ଅନ୍ଧାର ମାଡ଼ିଆସୁଛି । ହାୟରେ କପାଳ ! ଏତେବେଳେ ସେ କେଉଁଠିକି ଯିବ ? କୋଉଠି ରାତି କଟେଇବ ! ଭୁଛାକୁ ଶୀତକାଳ । ଝଣଣ ଥଣ୍ଡା । ଇମିତି ଠିଆହୋଇ ଭାବୁଛି, ଏଇ ସମୟରେ ତା' ଆଗରେ ସେ ଗୋଟିଏ ହୁଙ୍କା ଦେଖିଲା । ଖୁଉବ୍ ବଡ଼ ହୁଙ୍କା । ସେ ଆଉ ବିଳମ୍ବ ନ କରି ତାଆରି ଉପରକୁ ଚଢ଼ିଗଲା । ଥୋଡ଼ରେ ଥରେ ଧ'ଥର ହାତ ବୁଲାଇ ଆଣି କହିଲା--"ଯା' ହଉ, ଆଜି ରାତିଟା ମୋର ଏଇଠି କଟିଯିବ ।

ଏଣେ କ'ଣ ହୋଇଛି ନା—ସେତିକବେଳକୁ କଣା ବାଘଟିଏ ଶିଆଳୀ ଲଟାରୁ ବାହାରି ଶିକାର ଖୋଜିବାକୁ ଯାଉଥିଲା । ହଠାତ୍ ତାକୁ ଶିକାର ଶିକାର ବାସନା ହେଲା । ସେ ଆଖି ତରାଟି ନଶ ମୋଡ଼ି ଚାହିଁଲା···ହୁଙ୍କା ଉପରକୁ ! କଅଣ ଏଇଟା ! ଠେକୁଆ ତ ନୁହେଁ ! ହରିଣ କି ? ନାଁ ତ । ଆଉ କ'ଣ କୁଟୁରା ? ବାର୍ହା ! ନାଁ ତ··· ତେବେ ଏଇଟା କ'ଣ ? ଭୂତ କି ଆଉ ? ଖାଇଲା ତ···

ସେ ଧିରେ ସୁସ୍ତେ ପାଖକୁ ଗଲା । ଭଲଭାବେ ଜନ୍ତୁଟାକୁ ଗୋଟିକ ଆଖିରେ ପରୀକ୍ଷା କଲା । ତଥାପି କିଛି ଜାଣିପାରିଲା ନାହିଁ । ଯିଏ ଯାଉ ଯିଏ ହେଉ··· ପର୍ବୁଦେଲେ ଷଣ୍ଢଟା ସେଇଠୁ କ'ଣ ହୋଇଯିବ ! ସେ ଡାକ ଛାଡ଼ିଲା—

Digitized by srujanika@gmail.com

[କଣା ବାଘଟି ଢୁଙ୍କା ଉପରେ ଠିଆହୋଇଥିବା ଛେଳକୁ ସାହସ ବାନ୍ଧ
ସେ କଏ ବୋଲ ପଚାରୁଛି]

"ଦାଢ଼ି ମୋଚ ମୋଚ   ଶିଙ୍ଗ ମୋଠ ମୋଠ
ଦେଖିଲେ ହେଉନ ଚହ୍ନି
କଏ ତୁମେ ବାବା !   ଆସିଲ କୋଉଠୁ
ପାରେ କ ସେ କଥା ଜାଣି ?"

କଣାବାଘର କଥା ଶୁଣି ଛେଳର କଳଜା ତେଣେ ଧକ୍ ଧକ୍ କଲ । ତଥାପି ମନରେ ସେ ସାହସ ବାନ୍ଧିଲ । କଥାରେ ଅଛି—
'ସାହାସେ ମର··· ସାହାସେ ତର, ସାହାସରେ ଘର ଦୁଆର କର ।

Digitized by srujanika@gmail.com

ସେଇ ସାହାସ କରି ସେ ଟିକିଏ ଗମ୍ଭୀର ହୋଇ କହିଲା—"ହାକିମଜାଦା, ତୁ ମତେ ଚହ୍ନିପାରୁନୁ ? ମୁଁ ହଉଚି—

ମିଛିମିଛିକା ମାଣିକ ରଜା
ଶିଙ୍ଘ ଦୁଇଟା ଗୋଜାଗୋଜା
ବଣ ଭିତରେ ବୁଲୁଥାଏ
ବାଘ ଦେଖିଲେ ଆଗ ଖାଏ ।"

"ଏଁ, ତୁ ବାଘ ଖାଉ ।"

ନେଳ କହିଲା—"ହଁ,

ଅରର୍ ମେଁ, କାଳିଆ ମୁହିଁ···ଲାଲ୍ ଲାଲ୍ ଅଖି
ଉଣେଇଶ ବାଘ ଖାଇଚି ମୁହିଁ
ପାଖରେ କୋଡ଼ିଏ ବାକି ।"

"ମୋ' ବାପାଲୋ !" ମାଣିକ ରଜାର କଥା ଶୁଣି···କଣାବାଘ ଗୁଡ଼ିରେ ନେଳ ମେଞ୍ଚାଏ ପକାଇ ଦ' ଚାହୁଣ୍ଡି ପଛକୁ ଘୁଞ୍ଚିଗଲା । ସତେଚି ଏଇଟା ମିମିଭିକା ଜଣାପଡ଼ୁନି । ଏହାର ଅସଲ ଶକ୍ତି ହେଲା ଦାଢ଼ି । ଏଇ ଦାଢ଼ିରେ ସେ ବାଘଗୁଡ଼ାକୁ ବାନ୍ଧି ଚିଙ୍ଗୁଡ଼ିଆ ଜାଅନ୍ତା ଅବସ୍ଥାରେ ଗୁଲ ଉତାରି ଦେଉଥିବ । ଆଉ···, ତା'ପରେ ବସି ଖାଉଥିବ !" ଏକଥା ଭାବିଦେବାମାତ୍ରେ କଣା ବାଘ କ ଆଉ ରହେ ? ସେ ପଛକୁ ନ ଅନେଇ ଏତେ ଜୋର୍‌ରେ ଦୌଡ଼ା ମାରିଲା ଯେ—ଚଲ୍ ବାଟରେ ଧୂଳି ଉଡ଼ି, ଆକାଶ ଏକାଥରେ ମେଘୁଆ ଦେଖାଗଲା ।

"ତା'ପରେ କଅଣ ହେଲା ?"

"ଛେନାଗୁଡ଼ ହେଲା । କହୁଚି ଶୁଣ ।"

କଣାବାଘ ଦୌଡ଼ି ଦୌଡ଼ି ଯାଇଁ ତା' ଜ୍ଞାତିକୁଟୁମ୍ବଙ୍କ ନିକଟରେ ପହଞ୍ଚିଲା । ଦୌଡ଼ି ଦୌଡ଼ି ଯାଇଥାଏ ତ, ନିଃଶ୍ବାସ ତା'ର ଘର ଧରୁ-ନ ଥାଏ । ସେ କଥା ଦେଖି ତା'ର ଭାଇ ବନ୍ଧୁ ପଚାରିଲେ, "କରେ କ'ଣ କଥା କ'ଣ ?"

Digitized by srujanika@gmail.com

କଣାବାଘ ସେଇଠୁ ବୁଢ଼ାରଜା ମଲ ପାଖରୁ ଆରମ୍ଭକରି ଯୁବରାଜ ରଜା ହେବା ପର୍ଯ୍ୟନ୍ତ ସବୁକଥା ଗପିଲା ।

ଏହା ଶୁଣି ତା'ର ଜ୍ଞାତି-କୁଟୁମ୍ବ ସମସ୍ତେ ବାହାରିଲେ ସାଥିରେ । ଦେଖିବା ଚାଲ ସେ କମିତିକା ରଜା । କମିତିକା ତାଙ୍କ ସିଂହାସନ ! କ'ଣ ସେ ମନୋହାରୀ କରନ୍ତି ?''

କଣାବାଘ ଡରି ଡରି ପଛରେ ଚାଲୁଥାଏ । ସମସ୍ତେ ଯାଇଁ ସେଇ ହୁଙ୍କା ପାଖରେ ପହଞ୍ଚିଲେ । ଗୋଟାଏ ନୁହେଁ...ଦଇଟା ନୁହେଁ, ତିନଟା ନୁହେଁ କି ଚାରିଟା ବି ନୁହେଁ । ଏକାଥରେ ପଚିଶି ସରିକି-ବାଘ । ତାଙ୍କ ହାଉଁ ହାଉଁ ଗରଜନରେ କାନ ଅତଡ଼ା ପଡ଼ୁଥାଏ । ସମସ୍ତେ ପହଞ୍ଚି ଏକ ସ୍ୱରରେ କହିଲେ—''ହେ ମହିମା ! ଧର୍ମାବତାର ! ମହିମାଙ୍କର ଜୟ ହେଉ ! ତୁମ୍ଭେ ଆମକୁ ପରିଚୟ ଦେବେ କି ?''

ଏତେ ଗୁଡ଼ାଏ ବାଘଙ୍କୁ ଆଖି ସାମ୍ନାରେ ଦେଖି ଟେକେଲ ବାମୁଡ଼ାର ଚେତଣେ ପିଲେଇପାଣି । ତଳ୍ପିରେ ପଛେ ଏଣେ ଝାଡ଼ା ପରିସ୍ରା ହେଉଥାଏ · ମୃତ୍ୟୁଦଣ୍ଡ କି କନ୍ତୁ ଇସ୍ପାତ ! ସେ କହିଲା—''ହୁଁ, ମୋ ନାଆଁ ବୀରଧୀରବର ପ୍ରତାପୀ ଲଙ୍କେଶ୍ୱର ଶ୍ରୀ ଶ୍ରୀ ଶାର୍ଦ୍ଦୂଳ ଗଞ୍ଜନ ବଳଆର ସିଂ । ସାବଧାନ, ମୋ ସହିତ ଭଦ୍ରତା ରକ୍ଷା କରି କଥାବାର୍ତ୍ତା ହୁଅ । ମତେ ରଗାଇବାକୁ ଚେଷ୍ଟାକଲେ ଜାଣିରଖ ମୁଁ ରାଗିଗଲେ ତୁମ ସମସ୍ତଙ୍କୁ ଗୋଟି ଗୋଟି କରି ଫାଶୀ ହୁକୁମ୍ ଦେଇଦେବି । ଆହୁରି ଶୁଣ, ମୋର ଗର୍ଜନ ହେଉଛି ମେଘର ଘଡ଼ଘଡ଼ି । ମୁଁ ଚାଲିଲେ...ମୋ ଖୋଜରେ କୂଅ ଖୋଳିହୁଏ । ମୋର ପଦାଘାତରେ ପାହାଡ଼ ପର୍ବତ ଚୂନା ହୋଇ ବାଲି ହୋଇଯାଏ । ମୋର ନିଃଶ୍ୱାସରେ ଯୋଉ ପବନ ହୁଏ ସେଥିରେ ଶାଳଗଛ ମଧ୍ୟ ମଡ଼ମଡ଼ ହୋଇ ଭାଙ୍ଗିଯାଆନ୍ତି । ଆଉ ଜାଣ, ମୁଁ ଦିନକୁ ପୁଞ୍ଜାଏ ବାଘ ଜଳଖିଆ କରେ ।''

—''ଏଁ, ପୁଞ୍ଜାଏ ବାଘ ଜଳଖିଆ ?'' ବାଘଙ୍କ ଦେହରୁ ଗୋଟାକୁ ଗୋଟା ଝାଳ ବୋହିଗଲା । ସେମାନେ ଲାଙ୍ଗୁଳ ଟେକି କଏ କୁଆଡ଼େ ଯିବେ ବାଟ ପାଇଲେନି ।

Digitized by srujanika@gmail.com

ସେମାନେ ଜୀବନ ନେଇ ପଳାଉଥାନ୍ତି—ଏଇ ସମୟରେ ବଣସଇଜର ଜନ୍ତୁଆଳ ପର୍ବତ ବାଟରେ ତାଙ୍କର ଭେଟ ହେଲା ।

"ଜନ୍ତୁଆଳ ପୁଣି କଏ ?"

"ଏଇମ...ବଲୁଆ ନନା"

ସେ ଡାକ ଛାଡ଼ିଲା—"ମାମୁଁମାନେ, ଏ କ'ଣ ? ମୋ' ଭଳି ଜନ୍ତୁଆଳ ଥାଉ ଥାଉ ତୁମର ପୁଣି ଗୋଟାଏ ଭୟ କାହାକୁ ? କାହିଁକି ଇମିତି ଡରି ଥରି ଧପାଳଛ ?"

କଣାବାଘ କହିଲା—"ଆମକୁ ଏତେବେଳେ ଆଉ କିଛି ପଚାରନା । ବଣରେ ସ୍ୱୟଂ ମାଣିକରାଜା ବିଜେ କରିଛନ୍ତି । ଯିଏ ଗରଜନ କଲେ ଘଡ଼ଘଡ଼ ଶୁଭେ... । ଯାହାର ଖୋଜପଡ଼ିଲେ କୂଅ ଖୋଳିହୁଏ—ଯିଏ ହିଦନକୁ ପୁଞ୍ଜାଏ ବାଘ ଜଳଖିଆ କରନ୍ତି ।"

କଣାବାଘର କଥା ଶୁଣି ବଲୁଆଟା ଟୋ' ଟୋ' ମାରି ହସିଉଠିଲା । କହିଲା—"କେମନ୍ତ ? ହଇରେ ତୁମେଗୁଡ଼ାକ ଏଡ଼େ କଚ୍ଛା ହଗୁରା ! ସେ କହିଦେଲା ବୋଲି ତୁମେ ତା' କଥାକୁ ସତକୁସତ ପରତେ ଗଲ ? ଆସିଲ ଦେଖିବା ସେ କମିତିକା ରଜା ? ମୁଁ ଯଦି ତା' କଲିଜା କାଢ଼ି ନ ଆଣିଛି ?"

ବଲୁଆଠୁଁ ସେକଥା ଶୁଣି, ବାଘମାନେ ପରସ୍ପର ମୁହଁ ଚାହାଁ-ଚାହିଁ ହେଲେ । ତଥାପି ତାଙ୍କର ସାହସ କୁଳଉ ନଥାଏ ସାଥିରେ ଯିବାକୁ...

ବଲୁଆ କହିଲା—"ଯଦି ଏତେ ଡର, ତେବେ ଗୋଟାଏ କଥା କର । ମୁଁ ଯିବି ଆଗରେ । ତୁମେ ସବୁ ମୋ' ଲାଙ୍ଗୁଡ଼ରେ ଲାଙ୍ଗୁଡ଼ ବାନ୍ଧି, ପଛକୁ ପଛ ଗୋଡ଼ ।"

ଶେଷକୁ ସେଇଆ ହେଲା । ଆଗରେ ରହିଲା ବଲୁଆ । ତା' ଲାଙ୍ଗୁଡ଼ରେ ବନ୍ଧା ହେଲା ମହାବଳ ବାଘର ଲାଞ୍ଜ । ମହାବଳ ବାଘର ଲାଞ୍ଜରେ ବନ୍ଧାହେଲା ଚିତାବାଘର ଲାଞ୍ଜ । ଚିତାବାଘର ଲାଞ୍ଜରେ ବନ୍ଧାହେଲା କଲରିଆପତରିଆ ବାଘର ଲାଞ୍ଜ । କଲରିଆପତରିଆ ଲାଞ୍ଜରେ

Digitized by srujanika@gmail.com

ବନ୍ଧାହେଲା କଣା ବାଘର ଲାଞ୍ଜ । ଏମିତି ଯେତେ ବାଘ ଥିଲେ···ପଛକୁ ପଛ···ଲାଞ୍ଜ ବନ୍ଧାବନ୍ଧ ହୋଇ ଚାଲିଲେ ମାହାର୍ଜାଙ୍କ ପାଖକୁ···

ଟିକଏ ଦୂରରୁ ବାଘଙ୍କର ସେ ଶୋଭାଯାତ୍ରା ଦେଖି ଛେଳିର ଝାଳ ବାହାରିଲା । ସେ ଭାବିଲା... ହଲକ୍ ଶୁଖିଗଲା । ଏ ଯେତେ ବାଘକୁ ସାଥିରେ ନେଇ ବଲୁଆ ଆସୁଛି··· ସେମାନେ ଯଦି ତାକୁ ଖାଇ ମନେ କରିବେ···ଜଣକ ପିଛା ଫୁଟେ ଫୁଟେ ସାନୁଆଡି ବି ପଡ଼ିବ ନି ! ହଉ ଦେଖାଯାଉ ! କଥାରେ ଅଛି—ଖଟେଇ ଜାଣିଲେ ଟଙ୍କାଟିକର ବଳକୁ ପଇସାଟିକର ବୁଦ୍ଧି ବି ବଳିଯାଏ । ସେ ଗର୍ଜନ ଗୁଡ଼ାଏ ଭଳି କହିଲା—“ରେ ରେ ମୂର୍ଖ ବଲୁଆ ! ତୋତେ ଆଜି ଆଗ ଜଳଖିଆ କରିବି । ତୁ ଜବାବ କରି ଗଲୁ, ମୋ’ ପାଇଁ ଶହେ ବାଘ ନେଇ ଆସିବୁ ବୋଲି, ଏଇନେ ଏଇ କେତୋଟା ବାଘ ନେଇ ଆସୁଛୁ ? ଏ ମୋର କେତେଦିନ ଯିବ ?”

ସେକଥା ଯିମିତି ବାଘଙ୍କ କାନରେ ପଡ଼ୁଛି···ସେମାନେ ଆଉ ପଛକୁ ଫେରି ଗୁହିଁଲେ ନାହିଁ·····ଗୁହୁଁ ଗୁହୁଁ କୁଆଡ଼େ ଅଦୃଶ୍ୟ ହୋଇଗଲେ । ତାଙ୍କ ଲାଞ୍ଜରେ ତ ବଲୁଆ ଲାଙ୍ଗୁଡ଼ ବନ୍ଧା ହୋଇଥିଲା— ଘୋଷଡ଼ା ଖାଇ ଖାଇ ସିଏ କି ଆଉ ବଞ୍ଚେ ? ବିଚରା ପଞ୍ଚତ୍ତ୍ୱ ପ୍ରାପ୍ତି ହେଲା !

“ସେଇଠୁ ?”

“ସେଇଠୁ ଆଉ କ’ଣ ?”

ସେଇଠୁ ତା’ପରଦିନ ସକାଳୁ ଛେଳିଟି ମନଖୁସିରେ ଘରକୁ ଆସିଲା ।

●

ଟିପ୍ପଣୀ :

ମନର ଭୟ ମହାବଳ ବାଘକୁ ମଧ୍ୟ ଦୁର୍ବଳ କରିଦିଏ । ବୁଦ୍ଧି ସହିତ ସାହସ ଥିବା ଉଚିତ୍ । ସାହସ ନ ଥାଇ ଖାଲି ବୁଦ୍ଧିରେ କୌଣସି କାମ ହୁଏ ନାହିଁ । ତୁମେ ଛେଳିଭଳି ଯେତେ ଦୁର୍ବଳ ହୁଅ ପଛକେ ସାହସ ଥିଲେ ମହାବଳ ବାଘକୁ ମଧ୍ୟ ପାଦତଳେ ଖଟେଇ ପାରିବ ।

Digitized by srujanika@gmail.com

ଚେପଟାନାକୀ ଦହିସୁଡ଼ୁକୀ

ବେଙ୍ଗୁଲୀଟିଏ । ନାଥୁଲୀ ପାଥୁଲୀ ହୋଇ କାଳୀ ଅପରଚ୍ଛନ୍ନା ହେଲେ କ'ଣ ହେବ—ସେ ନିଜକୁ ସ୍ୱର୍ଗ ଅପସରା ବୋଲି ଭାବେ ! ସତରେ ସେ ଫୁଲେଇ । ତା' ନାଆଁ ଫୁଲେଇ । ତା' ବର୍ଣ୍ଣଯାକ ଫୁଲେଇ । ଫୁଲେଇ ହବନି କଆଁ ? ସେ ବେଙ୍ଗରଜାର ଅଲିଅଳି ଜେମା । ରାଜ ଦୁହିତା । ଗଜମୁକୁତା । ବାପ ତା'ର ରଜା । ମା' ତାର ରାଣୀ । ଭଉଣୀ ତା'ର ଗଜଗମନା । ମାଉସୀ ତା'ର କମଳନୟନା । ମାଇଁ ତା'ର ଚନ୍ଦ୍ରବଦନା । ମୋ ବାବାରେ··· ସେଥିପାଇଁ ବେଙ୍ଗୁଲୀର ମନମୋଟକୁ ସାତସରି ଲଙ୍ଗଳ ଦଉଡ଼ି ବି ପାଉ ନ ଥାଏ ! ତା'ର ନଥାଏ କାହାକୁ ଡର···କି ନ ଥାଏ କାହାକୁ ଭୟ !! ସେ ଟୁକୁସ ହାବ ଘର ବାହରୁ ଦୁଆର···ଦୁଆରରୁ ବାହ...ଏମିତି ଡେଇଁ ବୁଲୁଥାଏ ! ମନଫୁଲଣିଆ ଗୀତ ଗାଉଥାଏ ।

ଥରକର ମଝି ବାଟଟାରେ ସେ ଡେଇଁ ଡେଇଁ ଚାଲିଥାଏ । ସତେକି ନବାବଙ୍କ ନାତୁଣୀ । ଏଇ ବେଳରେ ତା'ର ଗୋଟିଏ ଗୁଣ୍ଡୁଚି ମୂଷା ସାଥିରେ ଭେଟ ହେଲା । ବେଙ୍ଗ ରଜାର ଝିଅ ସେ । ଦୁଧରେ ଖାଇ ଘିଅରେ ହାତ ଧୋଉଛି । ପାଟପଟନି ପିନ୍ଧୁଛି । ହଁସୁଳି ଶେଯରେ ଶୋଉଛି । ସେ କଅଁ ଗୁଣ୍ଡୁଚି ଫୁଣ୍ଡୁଚି, ମୂଷାଫୂଷା ଆଡ଼କୁ ଅନାନ୍ତା ମ ? ମୁହଁକୁ ମୋଡ଼ିଦେଇ ଡେଇଁ ଡେଇଁକା ପୁଣି ଆଗକୁ ଚାଲିଲା ।

ସାଉଁ ଆସୁଥିଲା ଶୁଖୁଆ ଚୋରଣୀ ବିଲେଇ ନାନୀ । ସାଥିରେ ତା'ର ଦୁଇଟି ଛୁଆ । ସେ ଭଲଭାବେ ଫୁଲେଇ ବେଙ୍ଗୁଲୀର ପ୍ରକୃତି ଜାଣେ । ତା'ର ମନଟିକୁ ଆଉ ଟିକେ ଫୁଲେଇ ଦେବାକୁ ସେ କହିଲା—

"ଅଲିଅଳି ଜେମା ରାଜଦୁହିତା
ଫୁଲେଇ ନାନୀ ମୋ' ଗଜମୁକୁତା

Digitized by srujanika@gmail.com

ଆଉ ସବୁ ଝିଅ ଚେଙ୍ଗଟାନାଙ୍ଗୀ
ଫୁଲେଇ ନାନୀ ମୋ' ସୁନା ନାଙ୍ଗୀ ।

କୁଆଡ଼େ ଯାଉଚୁ ଲେ ଗଜଗମନୀ ?"

ଶୁଖିଲା ଚୁଡ଼ାରେ ପାଣି ପଡ଼ିଲେ ସେ ଯିମିତ ଫୁଲିଯାଏ... ଫୁଲେଇନାନୀର କଥାରେ ବେଙ୍ଗୁଲି ନାନୀର ମନଟା ଯିମିତ ଫୁଲିଗଲା । ସେ ମୁହଁକୁ ଓପରେଇ କହିଲା—"କୁଆଡ଼େ ଆଉ ଯିବ ମ..., ଯାଉଚୁ ଟିକେ ହାଉଆ ଖାଇବାକୁ ।"

ଏଇ ବେଳରେ ଫୁଲେଇ ନାନୀର ବଗୁଲିଆ ଛୁଆଯୋଡ଼ିକ ବେଙ୍ଗୁଲି ନାନୀକ ପଚାରିଲେ—"ନାନୀ, ନାନୀ ମ...ତୁମେ ତ ଖୁଉବ୍ ସୁନ୍ଦରୀ ପରିକା ଜଣାପଡ଼ୁଚ..., ହେଲେ ତୁମ ପାଟିଟା ଇମିତ ଓସାରିଆ କାହିଁକି ହେଇଚ ?"

ବେଙ୍ଗୁଲି, ତା' ଫୁଲିପକା ରୁମାଲରେ ଥରେ ମୁହଁକୁ ପୋଛିଆଣି କହିଲା—"ହବନି ? ପିଲାଦିନେ ମୁଁ ପରା ସୁନାଶାମୁକାରେ ଦୁଧ ପିଉଥିଲି । ହଁ ସୁନାଶାମୁକା ! ସୁନାଶାମୁକା, ଯେତିକି ଓସାର—ମୋ ପାଟିଟା ସେତିକି ଓସାର !"

—"ସେ କଥା ତ ତୁମର ପାଟି ଦେଖି ବୁଝୁଚୁ । ଆଚ୍ଛା ନାଙ୍ଗୀ, ତୁମ ଗୋଡ଼ଗୁଡ଼ାକ, ସ୍ପ୍ରିଙ୍ଗ ଧନୁଲେଖେ ଇମିତ ଫରକଟା କାହିଁକି ହେଇଚୁ ?"

—"ସେଇଠି ତ ରହିଚୁ ଅସଲ କଥା ! ମୋ ବାପର ରାଜଉଆସ ତ...! ତା' ଉପରକୁ ଚଢ଼ିବା ଲାଗି ଯୋଉ ବାଇଶି ପାହାଚ ସେ ସବୁ ମର୍କତରେ ତିଆରି ! ସେଇ ପାହାଚରେ ଚଢ଼ି ଉତୁରି ପରା ମୋ ଗୋଡ଼ ଇମିତ ଫରକଟା ହେଇଚୁ !"

—ହୁଁ ! ଆଚ୍ଛା ନାନୀ, ତୁମ ଆଖି ଦିଇଟା ଇମିତ ତେଡ଼ା ତେଡ଼ା କାହିଁକି ହେଇଚ ?"

"ସୁନା କଜଳପାତିରୁ, ମୁଁ ପରା କଇତ କଲା ନାଏ ।"

—"ଏଁ, ସୁନା କଜଳପାତି !"

Digitized by srujanika@gmail.com

—"ଆଚ୍ଛା ନାମ୍ମ, ତୁମ ପିଠି ସାଗ ଇମିତ ଜାଦୁଜାଦୁଗ କାଇଁକ ?"

—"ଚଗଲ୍ କୋଜଠିକାର ! ଆମ ଜଆସରେ ଯୋଉ ଇନ୍ଦ୍ରପଲଙ୍କ ପଡ଼ଛି—ସେ ପଲଙ୍କରେ ଯୋଉ ମୁଠୁଣିଏ ବହଲର ହଁସୁଲ ଶେଯ । ଛାଆର ଉପରେ ଗଡ଼ାଗଡ଼ ପଗ ରେ...।"

ଫୁଲେଇ ନାମ୍ମ ହସିଲ—ମଲ୍ଲି ଫୁଲିଆ ହସ ।

ସେ କଥା ଶୁଣି ପିଲ୍ଏ ବ ହସିଲେ ।

ନାମ୍ମ ଏଥର ପୁଜଣି ଆଗକୁ ଗୃଲଲ୍...



[ବେଙ୍ଗୁଲ ନାମ୍ମ ଆଡ଼କୁ ଦନ୍ତାହାଣ ଆସିଲ]

Digitized by srujanika@gmail.com

ଏତିକିବେଳେ ବନ୍ଦା ହାଣ୍ଡିଟାଏ ଡେଣା ଝୁଲି ଝୁଲି ପାହୁଲି ଥାପି ଥାପି ଆସୁଥିଲା । ଯୋଗକୁ ବେଙ୍ଗୁଲି ନାଙ୍ଗ ବଢ଼ରେ ପାଦ ଟିକିଏ ତା'ର ବାଜିଗଲା । ଏତିକିରେ ଫୁଲେଇ କି ଆଉ ସମ୍ଭାଳେ କିଏ ? ସଙ୍ଗେ ସଙ୍ଗେ ଅଣ୍ଟାରେ ଦୁଇହାତ ଦେଇ ସେ ଝପଟିଗଲା ହାଣ୍ଡି ଆଡ଼କୁ । କହିଲା—

"ଲମ୍ବା ନାକାରେ ! ଗୋଦର ଗୋଡ଼ା,
ତୁ ମାଣିକ କମ୍ପାଇ ମାଡ଼ୁ—"

ଫୁଲେଇର ମନେ ମନେ ତ ସେ ରୂପରେ ଗୁଣରେ ମାଣିକଟିଏ । ତାକୁ ଘୁରିଛୁଙ୍କର ହାଣ୍ଡିଟା ଇମିତ ମାଡ଼ଦେବ ?

ହାଣ୍ଡି ଯେ ତହୁଁ ଆରେକ । ଆଉ ଟିକିଏ ଚିଡ଼େଇବାକୁ ସେ ବେଙ୍ଗୁଲିକି କହିଲା—

"ଚେପଟାନାଙ୍ଗି ବଢ଼ି ସୁଡ଼ଙ୍ଗି
ତୁ ବାଟରେ କମ୍ପାଇ ପଡ଼ୁ ?"

ଫୁଲେଇର ତ ନାକ ଅଗରେ ରଗ । ତା'ଭଳିଆ ରାଜଦୁହିତାକୁ ପୁଣି ଏ ଲମ୍ବାନାକିଆ କହିବ ଚେପଟାନାଙ୍ଗି । ତା'ର ଏଡ଼େ ଗରବ ! ଏଡ଼େ ଉଠିଆ ! ଆରେ ଏଇନେ ବେଙ୍ଗରଜା ବାପ ତା'ର ସାରୁପତ୍ର ପାଟଛତା ତଳେ ବସି, ରାଜକାର୍ଯ୍ୟ ବୁଝୁଥାଆନ୍ତା କି ! ପାଟ ଖଣ୍ଡାରେ ହାଣ୍ଡିଟାର ଗଣ୍ଡିମୁଣ୍ଡକୁ ସେ ଯଦ ଅଲଗା କରି ନ ଦେଇଥାନ୍ତା !

ହାଣ୍ଡିଟା ସେତେବେଳକୁ ତା' ବାଟରେ ଗୁଲିଗଲାଣି । କିନ୍ତୁ କେଁ କରିଟି ଚେପଟିନାଙ୍ଗି ଫୁଲେଇର ରାଗଟା ତା' ଉପରୁ ଯାଇନି । ମନକୁ ସାନ୍ତ୍ୱନା ଦେବାକୁ ପାଖ ସିଜୁ ଗଛରେ ଯେଉଁ ଏଣ୍ଡୁଅଟା ବସି ମୁଣ୍ଡ ଟୁଙ୍ଗାରୁଥିଲା, ତାକୁ ସାକ୍ଷୀ କରି ବେଙ୍ଗୁଲି କହିଲା—

"ଶ୍ରୀଧର ପାତ୍ରରେ ଶ୍ରୀଧର ପାତ୍ର
ମୁଁ କନା ହେଲି ଚେପଟୀ ନାଙ୍ଗି ?"

ଫୁଲେଇର କଥା ଶୁଣି, ଶ୍ରୀଧର ପାତ୍ର ଏଣ୍ଡୁଅକୁ ଏବେ ମଉକାଟିଏ ଜୁଟିଗଲା । ବନେକାଳେ ବେଙ୍ଗୁଲି ନାଙ୍ଗ ତାକୁ କଥା କହେନା··· ।

Digitized by srujanika@gmail.com

ଏଭଗ୍ର ପତ୍ରଭବ ପାଇଛୁ ବୋଲି ତାକୁ ସାକ୍ଷୀ ମାନୁଛୁ । ସେ ତାକୁ ବୋଧଦେବାକୁ ଯାଇ ଟିକଏ ପରିହାସ ମିଶାଇ କହିଲା—

"ଭୁନ ହୁଅଲେ ସରଗ ଅପସରୀ
ନେଚ ଲୋକ ସଙ୍ଗେ ନ କର କଳି ।"

ବାସ୍, ଏତିକରେ ଫୁଲେଇ ମନଟା ପୂଜିଣି, ବଣିଚକୁଳ ପରିକା ଫଲିଉଠିଲା । ସରଗ ଅପଛରୀ (ଅପସରୀ) ଡାକ ଶୁଣି ସେ ଏତେ ଖୁସି ହୋଇଗଲା ଯେ—କିଛି କ୍ଷଣ ପାଇଁ ସେ ତା' ଜାଦୁସ ଢଢ଼କୁ ସମ୍ଭିବା କଥା ମଧ୍ୟ ଭୁଲିଗଲା । ପୁଣି···ଗ୍ରୁଡ ଫୁଲିଇ ଝୁଲିଲା ଆଗକୁ । ଏତିକବେଳେ ଧଣ୍ଡଟାଏ କେଉଁଠି ଝାକ ବସିଥିଲା ··ଖାପୁକିନା ଆସି ମାଡ଼ିବସିଲା ଫୁଲେଇକୁ । ଫୁଲେଇ ପଣରେ ଯିଏ ହାଣ୍ଡି ପରି ଜନ୍ତୁକୁ ପାସଙ୍ଗରେ ପକାଉନଥିଲା ତା'ର ଗ୍ରୁରହିକର ଧଣ୍ଡଟା ହାତରେ ପ୍ରାଣ ଗଲା । ବିଶ୍ବର ଫୁଲେଇ ପଣରୁ ଶେଷକୁ ତନପାଞ୍ଜିରୁ ଗଲା ।

●

ଟିପ୍‌ପଣୀ :

ଗ୍ଲେଠୀ ତ କେବେ ଗଜଗମନୀ ହୋଇପାରିବ ନ । ଅଯଥା ବେଙ୍ଗୁଲି ପରି ଏମିତି ଫୁଲେଇ ହେଲେ ଶେଷକୁ ଦୁଃଖ ଅନୁଶୋଚନା କରିଁ ସାର ହେବ ।

Digitized by srujanika@gmail.com

ଉଠ୍‌ରେ ପୁତା, ଉଠ୍

କାହିଁ କେତେ କାଳ ହେଲାଣି । ଖଗ ନାଇଁ ତଗ ନାଇଁ ଆଜ ଯୋଉ କପୋତ ଚଢ଼େଇ କି ତୁମେ ବାହୁନବାରେ ଦେଖୁଛ—ସେତେ-ବେଳେ ସେ ଚଢ଼େଇଟା ଗୋଟାଏ ଡାହାଣୀ ଥିଲା । ତା'ର ଗୋଟିଏ ବୋଲି ପୁଅ ଥିଲେ କଅଣ ହେବ—ତା' ପ୍ରତି ତା'ର ଦୟାମାୟା ନଥିଲା । ଦିନ ରାତି ସେ ଗୋଡ଼ ଉପରେ ଗୋଡ଼ ପକାଇ ବସୁଥିଲା । ସେଇ ପୁଅଟି ହାତରେ ଗୋରୁଗାଣ୍ଡି, ରନ୍ଧାବଢ଼ା, ଉଁଷାଶୁଖା, କୁଟାକଣ୍ଡା, ସବୁ କାମ କରୁଥିଲା । ଏତେ ଖଟେଇ ତାକୁ କୋଉ ପେଟଭରି ମୁଠିଏ ଖାଇବାକୁ ଦେଉଥିଲା, ତାହା ବି ନୁହେଁ । ଅଧିକ ସେ ତାକୁ ଗୋରୁଗାଣ୍ଡି ପରି ବାଡ଼ଉଥିଲା । ସବୁ ଅଭାବ ଭିତରେ ଯୋଉ କଥାଟି ସେ ପୁଅର ଅଭାବ ନଥିଲା · ସେ ହେଉଛି ମାଡ଼ ଆଉ ଗାଳି । ପାରୁ କି ନ ପାରୁ ତା' ପୁଅଟି ମାଡ଼ ଭୟରେ ଗୋଟେଇ ସାଉଁଟି ସବୁ କାମ କରୁଥିଲା ।

ଦିନକର ପଡ଼ଶା ଘରର ଗୋଟିର ପୁଅ ସାଙ୍ଗରେ ସେ ଡଙ୍କୁଣୀଟା ପୁଅକୁ ସେରକରେ ସେରେ·· ମାଣରେ ମାଣେ ଧାନ ଦେଇ ଅନ୍ୟ ଜଣଙ୍କର ଢିଙ୍କିରେ କୁଟି ଆଣିବାକୁ କହିଲା । ତା' ସହିତ ଏକଥା ମଧ୍ୟ ସାବଧାନ କରାଇଦେଲା, "ଦେଖ୍, ଏ ଚାଉଳରୁ ଗୋଟିଏ ଚାଉଳ ସିମିତି ଏପାଖ ସେପାଖ ନହୁଏ । ଯଦି ହୁଏନା, ତୋଅର ଲୁହରେ ତୋତେ ବୁଡ଼େଇ ମାରିବି ।"

ତା' ପୁଅଠୁଁ ପଡ଼ିଶା ଘର ପୁଅଟି କୁଆ ପରି ଅଧିକ ଚାଲାଖ ଆଉ ଚତୁର ଥିଲା । ସେ ଧାନତକ କୁଟିସାରି ଖୁଦକୁଣ୍ଡାତକ ତଳେ ରଖିଲା । ଚାଉଳତକ ଉପରେ ରଖିଲା । ଫଳରେ ସେର ମାଣ ତା'ର ପୂରିଗଲା ।

ଏ ପୁଅଟି ତ ଏତେ ଛନ୍ଦମନ୍ଦ ଜାଣେନା । ସେ ଖୁଦ କୁଣ୍ଡାକୁ ଗୋଟିଏ ଥାନରେ ରଖିଲା । ଚାଉଳକୁ ଗୋଟିଏ ଥାନରେ ରଖିଲା । ଫଳରେ ତା'ର ସେରମାଣ ନ ପୂରି ଅଧା ଅଧା ରହିଲା ।

Digitized by srujanika@gmail.com

[ଡକୁଣୀ ତା' ପୁଅକୁ ପଡ଼ଶାଘର ପିଲା ସହିତ
ଧାନ କୁଟିବାକୁ ପଠାଉଛି]

ଦୁଇ ପିଲାଯାକ ଆସି, ଯେଝା ଯେଝା ମାଆ ପାଖରେ ଚାଉଳ କୁଣ୍ଡାଚକ ଥୋଇଦେଲେ ।

ଡକୁଣୀ ଦେଖିଲା, ପଡ଼ଶାଘର ପୁଅର ମାଣ, ସେର ପୂରିଯାଇଛି । ଆଜି ତା' ପୁଅର ମାଣ ସେର ଅଧା ପଡ଼ିଛି । ସେକଥା ଦେଖି ରାଗରେ ତା'ର ହାଡ଼ ଜଳିଗଲା । ସେଠାରେ ଗୋଟାଏ ଶିଳପୁଆ ପଡ଼ ସେଇଆକୁ ଧରି ନିଜ ପୁଅ ମୁଣ୍ଡରେ ପକାଇଲା ପାହାରେ ।

Digitized by srujanika@gmail.com

ଏତେଟିକେ ପିଲା । ପିଏ କ ଶିଳପୁଆ ଛେଚୁ ଖାଇ ଆଉ ବଞ୍ଚନ୍ତା ? ସେଇଠି ସମସ୍ତଙ୍କ ଆଗରେ ସେ ଚଳାପଡ଼ିଲା ଲହୁଲୁହାଣ ହୋଇ ।

ଘଟଣା କଅଣ ବୋଲି ପାଖପଡ଼ଶା ଧାଇଁଆସିଲେ । ପଡ଼ଶା ପିଲାଟିର ଗୃହଲଟକ ଅଜାଡ଼ ପକାଇବାରୁ ତା' ଚଳୁ କୁଣ୍ଡା ଭୁଷ ବାହାରିଲା ।

ଏ ପିଲାର କୁଣ୍ଡା ଭୁଷକୁ ପୂରଇ ମାପିବାରୁ ସେର ମାଣ ପୂରିଗଲା ।

ତା' ଦେଖି ଡକୁଣୀର ଛାତିରୁ ସତେକି ନିଆଁ ଅଙ୍ଗାର ଖସି-ପଡ଼ିଲା । ହାୟ ହାୟ, ସେ କ'ଣ କଲା । ସବୁ ସାରିଦେଲା । ଗୃହଲ ଯୁଆଡ଼େ ପାଣି ପିଆଡ଼େ ଯାଉ···ତା' ପୁଅ ଖାଲି ଜୀବନରେ ଥାଆନ୍ତା କି ? କିଏ ଆଉ ତାକୁ କଅଁଳିଆ ସ୍ୱରରେ 'ବୋଉ' ବୋଲି ଡାକି ଦଉଡ଼ି ଆସିବ ପାଖକୁ ?

ଡକୁଣୀଟା ଇମିତି ନିଜର ରାଗ ଏବଂ ମୂର୍ଖତା ପାଇଁ କାନ୍ଦି କାନ୍ଦି ଶେଷକୁ ବାଇଆଣୀ ହୋଇଗଲା । ଏକୋଇରବନ୍ଧା ଝଣି-କେଶନକୁ ଝୁରି ଝୁରି ତା'ର କଣ୍ଠ ଦ'ଖଣ୍ଡ ରହିଲା । ସେ ମରିଗଲା ।

ପର ଜନମରେ ସେ ସବାଖାଇ ହେଲା—କପୋଖି ଚଢ଼େଇ ! ଯୋଜ ପାଙ୍ଗଟି ତା'ର କୁଆପରି ଗ୍ଲାନି କାମ କରି ପୁଅକୁ ତା'ର ଏତେ ଦଣ୍ଡ ଦେଲା, ସେ ହେଲା କୁଆ !

ସେଇଦିନୁ କେତେ କାଳ ବିତିଗଲାଣି—ମାତ୍ର ନିଜ ଅଜ୍ଞତାର କୁକର୍ମକୁ ଝୁରି ହୋଇ ସେ କପୋଖି ନଇତ ବୋବେଇ ହେଉଛି— "ସେରକ ପୂରିଲା ମାଣକ ପୁରିଲା, ଉଠ୍‌ରେ ପୁତା ଉଠ୍ !!"

ଟିପ୍‌ପଣୀ :

(୧) ପିଲାଏ ହେଉଛନ୍ତି ସବୁ ଘରର କୁଳଦୀପ । ସବୁ ଅଗଣାର ଜହ୍ନମାମୁଁ । ବାପ-ମାଆଙ୍କର ସୁନେଲି ସ୍ୱପ୍ନକୁ ସେଇମାନେ ହିଁ ବାସ୍ତବ ରୂପ ଦିଅନ୍ତି । ତାଙ୍କ ହସରେ ଜଗତ ହସେ । ତାଙ୍କ ଲୁହରେ ଦୁନିଆ

Digitized by srujanika@gmail.com

ଭସେ । ସବୁ ସୁଖ ଶାନ୍ତି ଉଭେଇଯାଏ । ଘରର ଯାବତୀୟ ଟଙ୍କା ସୁନା ଧନଦରବରୁ ସେମାନେ ହୋଇଛନ୍ତି ବଡ଼ । ବାପା ମା'ଙ୍କର ଏତେ ଧାଁ ଦଉଡ଼ ଅଣନିଶ୍ବାସୀ ଖଟଣୀ ସବୁ ତାଙ୍କର ଲାଗି । ଏ ଗପରେ ତାଙ୍କ ପ୍ରତି ଦଣ୍ଡବିଧାନ ଅନୁଚିତ ବୋଲି ଦର୍ଶାଇ ଦିଆଯାଇଛି । ଏହା ସତ୍ତ୍ୱେ ଯେଉଁ ମା' ତାଙ୍କୁ ମାରେ ସେ ମା' ନୁହେଁ—ଡାହାଣୀ—ଡଙ୍କୁଣୀ । ଶେଷରେ ତା'ର ଅନୁଶୋଚନାର ସୀମା ରହେ ନାହିଁ ।

(୨) ଆମ ଲୋକସାହିତ୍ୟରେ ଇତିହାସର ଯେଉଁସବୁ ଉପାଦେୟ ତଥ୍ୟ ପରିପୂର୍ଣ୍ଣ ହୋଇଛି—ସେଥିମଧ୍ୟରୁ ଏ ଗପରେ କେତୋଟି କଥା ଦେଖିବାକୁ ମିଳେ । ଆଜିକାଲିର ପିଲାଏ 'ସେର' 'ମାଣ' କହିଲେ କ'ଣ ଜାଣିବେ ନି । ସେଥିପାଇଁ ଅଭିଧାନ ଖୋଜିବସିବେ । କିନ୍ତୁ ଯୁଗ ଥିଲା 'ସେର' 'ମାଣ'ର ପ୍ରଚଳନ ଥିଲା ଆମ ଦେଶରେ । ଯାନ୍ତ୍ରିକ ସଭ୍ୟତା ପଶିଆସିବା ଦିନଠୁଁ ଗାଁ ଗହଳରେ 'ଟିଙ୍କି' ଏବେ ଦିନକୁ ଦିନ ଉଭାନ ହୋଇ ବସିଲାଣି । ପ୍ୟାକେଟ୍‌ରେ ମସଲା ପଶିଆସିଲା ଦିନଠୁଁ ସହରରେ ଆଉ ଶିଳ, ଶିଳପୁଆ ମଧ୍ୟ ଦେଖିବାକୁ ମିଳୁନି । ସେ ସବୁ ସିନା କ୍ରମେ ଉଭେଇଯିବ···କିନ୍ତୁ ଏ ଗପ କିନ୍ତୁ ତା'ର ସ୍ମୃତିକ ସାଇତି ରଖିଥିବ ନିଜ ଭିତରେ !!

Digitized by srujanika@gmail.com

ବଉଳା ଗାଈ

ଗାଈଟିଏ ଥାଏ । ତା' ନାଆଁ ବଉଳା । କପିଳ ପୋଛୁଲ ଦେହ । ଝୁଲିଲ ଝୁଲିଲ ଗଳ । ମାଛିଟିଏ ବସିଲେ ଖସିପଡ଼ିବ ଦେହରୁ । ଘରକର ପାଖ ବଣକୁ ସେ ଲଟାପତର ଚରିବା ପାଇଁ ଯାଇଥାଏ । ଫେରୁ ଫେରୁ ସଞ୍ଜ ହୋଇଗଲା । ସେ ତରବରରେ ଧାଇଁଛି । ଏଇବେଳରେ ମହାବଳ ବାଘଟିଏ ତା'ର ବାଟ ଓଗାଳିଲା—"ହାଉଁ ହାଉଁ, କୁଆଡ଼େ ଯାଉଚୁ ବଉଳା ! ସେଇଠି ଛିଡ଼ାହୁଅ । ମୁଁ ତୋତେ ଖାଇବି । ଆଜି ଦିନଯାକ ମତେ ଆହାର ମିଳିନି । ଭୋକରେ ମୋ କରଡ଼ି ଜଳୁଚି ।"

ବାଘର କଥା ଶୁଣି ବଉଳା ଛିଡ଼ାହେଲା । ଆଖିରେ ତା'ର ଧାର ଧାର ଲୁହ ! ବାଘ ଜାଣେ, ସବୁ ପ୍ରାଣୀ ମଲା ଆଗରୁ ଆଖିରୁ ଇମିତି ଲୁହ ଗଡ଼ାନ୍ତି । ଛାଡ଼ିଦେବାକୁ କେତେ ନେହୁରା ହୁଅନ୍ତି । ବଉଳା ହେବପରା ସିମିତି କିଛି ଭାବୁଛି । ଯାହା ଭାବୁଛି ଭାବୁ । ସେ କିନ୍ତୁ ତାକୁ ଛାଡ଼ିବ ନି । ତା'ର ତ ଆହାର ହେଲା ମାଂସ ! ମାଂସକୁ ଛାଡ଼ି ସେ ତ ଆଉ ଘାସ ଖାଇ ବଞ୍ଚିବ ନି !!

ଏଠି କିନ୍ତୁ ବଉଳାର ନେହୁରା ଭାବ ଆଉବାଗେ ଥିଲା । ସେ ବାଘକୁ କହିଲା—"ସବୁ ପ୍ରାଣୀଙ୍କ ଭଳି ମୁଁ ତୁମକୁ ଜୀବନ ଭିକ୍ଷା କରୁନି । ତୁମେ ମତେ ଖାଇବାକୁ ମନ କରିଛ, ନିଶ୍ଚୟ ଖାଇବ । କିନ୍ତୁ ଗୋଟିଏ କଥା । ଘରେ ମୋର ଏକୋଇଶ ଦିନର ବାଛୁରୀଟିଏ । ସକାଳ ପହରୁ ତାକୁ କ୍ଷୀର ଟୋପାଏ ପେଇଦେଇ ଆସିଥିଲି । ଆସି ସଞ୍ଜ ହେଲାଣି । ସେ ମୋର ବାଟଚାହିଁ ବସିଥିବ । କେତେ ଉହଳ ବିକଳ ହୋଇ, ବୋବାଳି ପକାଉଥିବ । ମତେ ତୁମେ ଛାଡ଼ିଦିଅ । ମୁଁ ଯିବି—ଆଉ ଆସିବି । ତାକୁ ଖାଲି କ୍ଷୀର ଟୋପିଏ ପେଇଦେଲେ ମୋର କାମ ସରିଲା ।

Digitized by srujanika@gmail.com

—"ବାଃରେ ବଉଳା, ତୁ ତ ମତେ ଭଲ ବୁଦ୍ଧି ଶିଖଉଛୁ ! ଦୁନିଆରେ ଇମିତି ନିର୍ବୋଧ କିଏ ଅଛି ଯେ ଥରେ ଖସିଗଲା ପରେ ବାଘ ମୁହଁକୁ ଆଉ ଥରେ ଫେରି ଆସେ ?"



[ବଉଳା ଗାଈକୁ ଖାଇବାକୁ ବାଘ କଣ୍ଠାଳ କରୁଛି ।]

—"ଏଇ ଦେଖ, ମୁଁ ସତ୍ୟ ସତ୍ୟ ତିନିବାର ସତ୍ୟ କରୁଛି । ଆଉ କେହି ନ ଫେରି ପାରୁଥାଏ ମୁଁ କିନ୍ତୁ ନିଶ୍ଚୟ ଫେରିଆସିବି । କଦାପି ସତ୍ୟଭଙ୍ଗ ହେବନି ।" କହିଲା ବଉଳା ।

ବଉଳାର କଥା ଶୁଣି, ବାଘ କଣ୍ଠରେ ଦୟା ବସିଲା । ସେ କହିଲା—"ହଉ ଠିକ୍ ଅଛି । ମୁଁ ତୋତେ ଛାଡ଼ିଦେଉଛି, ତୁ ଯା' କିନ୍ତୁ

Digitized by srujanika@gmail.com

ମନେରଖ ! ଯଦ୍ଧ ନ ଆସୁ, ତେବେ ତୋ' ଘରକୁ ଯାଇ ସିଧା ତୋତେ ଖାଇଦେଇ ଆସିବ । ମୁଁ କହେ ସାହା କରେ ତାହା ।"

ବଉଳା ଯାଇ ତା'ର ଛୁଆ ପାଖରେ ପହଞ୍ଚିଲା । ଦେହ ମୁହଁକୁ ଭଲକରି ଗୃହିଚୁଟି ପକେଇଲା । କହିଲା—"ଧନରେ ! ଯା' କ୍ଷୀର ଖାଇବାର ଅଛି, ମନ ଭରି ଖାଇନେ ! ଆଜିଠୁଁ ତୋ' ମା' ଡାକ ସରିଯାଉଛି ।"

ଏତ୍କେ ବକଟେ ଛୁଆ, ସିଏ ବା ମାଆ କଥାରୁ କଅଣ ବୁଝିବ ? ପହ୍ଲାରେ ମୁହଁ ଗୁଞ୍ଜି ସେ ସବୁ ଶୁଣିଲା । ତାପରେ ଖାଲି ଭେଁ ଭେଁ ଭେଁ । ହମ୍ବା ପରେ ହମ୍ବା ।

ବଉଳା ତାକୁ ଶେଷଥର ଲାଗି ବିକଳ ହୋଇ ଗୃହିଁଲା । ଆଖି ପୁରେଇ ଦେଖିନେଲା । ତାପରେ···ସତ୍ୟ କରି ଯାଇଛି ଯେତେବେଳେ ପୁଣି ଫେରିଆସିଲା ବାଘ ନିକଟକୁ ।

ବାଘ ପଗ୍ଭରିଲା—"ତୁ ଆସିଲୁ ବଉଳା ।"

ବଉଳା କହିଲା—"ହଁ, ମୁଁ ଫେରିଆସିଛି । ଏଥର ମତେ ତୁମର ଖାଇବାର ପାଳି ।"

ଯେତେ ହିଂସ୍ର ହେଲେ ବି ବଉଳାର କଥା ଶୁଣି ବଗ୍ଭର କଲା ବାଘ । ଯୋଉ ପ୍ରାଣୀ ସତ୍ୟ ପାଇଁ ନିଜର ଜୀବନ ଦେବାକୁ ପଛାଏ ନାହିଁ—ତାକୁ କ'ଣ କେତେବେଳେ ହେଲେ ଖିଆଯାଇପାରେ ? ସେ ଲୋକରେ ପଡ଼ିକେ ମରିଯିବ ଇମିତି ଜନ୍ତୁକୁ କେବେ ବି ଖାଇବନି । ନା ନା, କେବେ ନୁହେଁ ।

ଅନ୍ଧାରବଇଜର ଜଙ୍ଗଲୀ ଜୀବ, ତା'ର ବଗ୍ଭର ଦେଖ ! ସେ କହିଲା—"ବଉଳା, ତୁ ଫେରି ଯା'—ତୋ ବାଛୁରି ପାଖକୁ । ମୁଁ ତୋତେ ଆଉ ଖାଇବନି ।"

—"କାହିଁକି କ'ଣ ହେଲା ?"

Digitized by srujanika@gmail.com

—"ତୁ ସତ୍ୟ ରକ୍ଷା କରି ଆସିଛୁ । ସେଥିପାଇଁ ତୋ' ପ୍ରତି ମନରେ ମୋର ମମତା ଆସୁଛି । ଭଗବାନ ସାକ୍ଷୀ । ତୁ ଆଜଠାରୁ ମୋର ଗୋଟିଏ ଭଉଣୀ ହେଲୁ ।"

"ଭାଇ ।"

"ଭଉଣୀ ।"

ବାଘ କାନ୍ଦୁଛି । ବଉଳା କାନ୍ଦୁଛି । ସ୍ନେହରେ କୋଳାକୋଳି ହୋଇ କାନ୍ଦୁଛନ୍ତି । ସେଠି ଆଉ ହିଂସା ନାହିଁ କି ଭୟ ନାହିଁ । ଯାହା ଅଛି ଖାଲି ସ୍ନେହ ।

ବଉଳା, ପୁଣି ତା' ଛୁଆ ପାଖକୁ ଫେରିଗଲା । ଆନନ୍ଦରେ ରହିଲା ।

●

ଅତି ଲୋଭର ଫଲ୍

ଗୁଟେ ଜଙ୍ଗଲ୍‌ଟେ ଥିଲା । ସେ ଜଙ୍ଗଲେ ହାତିଟେ ଆଉ କୁଲହାଟେ ରହୁଥିଲେ । ସେ ଦୁହେଁ ମାହାର୍ ସାଦ୍ ବସିଥିଲେ । ସବୁଦିନେ ହାଥୀ ଘୋର ଜଙ୍ଗଲ୍‌କେ ଯାଏ । ଆଉ ଖାଏବାରଟା ଆନେ । ସେଟାକେ ଦୁହି ମାହାର୍ ସାଦ୍ ବାଣ୍ଟା କରି ଖାଉଥିଲେ । ଏନ୍ତା ହିସାବେଁ ସେ ଦୁହେଁ ରହୁଥିଲେ ।

ଦିନେ କୁଲହା ହାଥୀକେ କହିଲା—"ମାହାର୍ ସାଦ୍, ହୋ ମାହାର ସାଦ୍, ମତେ ତୁମେ ଦିନେ ଜଙ୍ଗଲ୍ ବୁଲେଇ ନେତ ବଏଲେଁ ନୁକେ ହେତା ।"

କୁଲହାର କଥା ଶୁନି ହାଥୀ ହଁ ବୋଏଲା ।

ତାର୍ ଆରେ ଦିନେ ହାଥୀ ଓ କୁଲହା ଘୋର୍ ଜଙ୍ଗଲ୍‌କେ ବୁଲବାରେ ଲାଗିଗଲେ । ସଖାଲୁଁ ବୁଲି ବୁଲି ଝାର୍ ଜଙ୍ଗଲ୍ ଦେଖିଲେ । ଝାରେଁ ବୁଲିଁ ବୁଲିଁ ସେମାନେ ଅଥା ହଇଗଲେ । ଇସମିଆଖିଁ କୁଲହାକେ' ଶୋଷ୍ ଲାଗଲା ! ତେହେରୁଁ ଦୁହେଁ ପାଏନ୍ ଖୁଜି ଗଲେ ! ହେଲେଁ ପାଏନ୍ ଖୁଜିଁ ଖୁଜିଁ କାହିଁ ନୈ ପାଏଲେ । ଏତ୍‌କି ବେଲେଁ କୁଲହା ଗୁଟେଁ ବଡ଼ା ଉହଲ ବିକଲ୍ ହେଲା ! ହାଥୀ ଦେଖିଲା ଯେ—ପାଏନ୍ ଟିକେ ନୈ ପାଏଲେଁ ତାର୍ ମହାର୍‌ସାଦ୍ ମରିଯିବ । ସେନୁ ସେ କୁଲହାକେ କହେଲା—"ମାହାରସାଦ୍ ଗୁଟେ ଠାନେ ପାଏନ୍ ଟିକେ ଅଛେ ହୋ ପିଇଁବ ବଏଲେଁ ଆଏଁଖ୍ ମୁଜି କରିଯିବ ।"

କୁଲହା ହଁ କହେଲା । ତେହେରୁଁ ହାଥୀ ଆଁ ଫାରି ନେଲା ଆଉ କହେଲା—"ମୋର ମୁହଁ ବାଟେଁ ପେଟ୍ ଭିତର୍ କେ ଯା···ଆଉ ଆଏଁଖ୍ ମୁଜି କରି ପାଏନ୍ ପିଇବ ।"

Digitized by srujanika@gmail.com

ହାତୀର କଥା ଶୁନିକରି କୁଲହା ହାତୀର ପେଟ୍ ଭିତର କେ ଗଲା । ଆଜି ସେନ ପାଏନ୍ ପିଇଲା । ପାଏନ୍ ପି' ସାରିକରି ଭାବ୍‌ଲା ମୋର ମାହାପ୍ରସାଦ୍ କାଏଁ କରି ଆଏଁଖି ମୁହ୍‌ବାର୍ କେ—କହେଲେ



[ବଣ ଭିତରେ ହାତୀ ଓ ବଲୁଆ ପାଣି ଖୋଜି ବୁଲୁଛନ୍ତି]

ଗା—ଇଥିର ଭିତ୍‌ରେ ଟୁଟେ କାଣା ଥିବ ! ଟିକେ ଦେଖି ଦେଖ୍ ପିଁଡ଼ ! ଏନ୍ତା ଭାବିକରି ଦେଖିନେଲା । ଦେଖ୍‌ଲା ଯେ—ହାତୀର କଲ୍‌ଜା ଖପ୍‌ସା-ଲାଲ୍ ଜର୍‌ଜର୍ ହଇ ଝୁଲୁଛେ । ଦେଖିକରି ତା'ର ଲାଳ ଥପି ପଡ୍‌ଲା । ତେହେନ୍ତୁଁ ଖାଏବାର୍ କେ ମୁଲ୍ କଲା । ଯେନ୍ତା ଖାଇ-ଦସ୍‌ଲାକ ହାତୀକେ କେତନ୍ ଚଥିଁଲା । ସେ କୁଲହାକେ ବାହାରି ଆସିବାର୍ ଲାଏର୍ କହେଲା । ହେଲେ କୁଲହା କେନ ଶୁନୁଛେ ? ସେତ

Digitized by srujanika@gmail.com

ଖାଏବାର ଥିଁ ମୁଡ଼େଇଛେ । ଧାଏ ଗଲା କି—ହାଥୀ ଗୁଡେଇଁ ଗୁଡେଁଇ ମରିଗଲା । ତାର ମୁହଁ ମୁଜେଇ ଗଲା । କୁଲହା ପେଟ୍ ଭେର୍ ଖାଇକରିଁ ବାହାର୍‌ବାକେ ଆସିଲା । ଲେକିନ୍ ହାଥୀର ମୁହୁଁତ ମୁଜେଇ ଯାଇଛେ କେନ୍‌ବାଟେଁ ବାହାର୍‌ବା ? ସେନୁ ହାଥୀକେ ଆଁ କରବାର୍ ଲଏଗ୍ କହେଲା । ହେଲେ ଯେନ୍ତା ସେ ସେନ୍ତା । ହାଥୀ ତ ମରିଯାଇଛେ, କୁଲହାର କଥାକେ କଏ ଶୁନବା ? ଶେଷେଁ ସେ ଭିଲ୍ ଗୁଡେଇଁ ଗୁଡେଇଁ ମରିଗଲା ।

●

ଟିପ୍‌ପଣୀ :

ଗୁଟେ—ଗୋଟିଏ । କୁଲିଆ—ବିଲୁଆ । ସାହାର୍ ସାଦ୍—ମଇଷ । ଲୁକେ—ଭଲ । ଝାର—ବଣ । ଅଥା—କାନ୍ତ । ପାଏନ୍—ପାଣି । ଡେହେଁରୁ—ତାପରେ । ଆଏଁଖ—ଆଖି । ମୁଜ—ବନ୍ଦ । ଇଥିର୍—ଏଥିର । ଧାଏ—କଷ୍ଟ ସମୟ । ଗୁଡେଇଁ—ବୋବେଇ । ମୁଜେଇ—ବନ୍ଦ ।

Digitized by srujanika@gmail.com

ସେ'ଦନୁ କୁଲହା କରେ ହୁଆ ହୁଆ

ଗୁଟେ ଗାଁଥି ବୁଢ଼ୀଟେ ଥିଲା । ସେ ଦୁଃଖ୍ ଭୁଣ୍ଡି କରି ପେଟ ପୁସୁଥିଲା । ଦିନେ ଖୁଏଲ ବରହ୍ମାଜ ବରହ୍ମାଜ ବୁରେ ମଞ୍ଜିଟେ ପାଏଲା । ତାହାକେ ବାଏର୍‌ଥି ମନ୍ଦାକରି ଭୁପି ଦେଲା । ଆଉ ପାଏନ୍ ଗଡ଼େ ରୁକି ନୈକରି ବଏଲା—ବୁରେ ମଞ୍ଜିରେ ବୁରେ ମଞ୍ଜି, କାଏଲ୍‌କେ ଯଦି ଗଜା ନୈହେଇଥିବୁ ବଏଲେ, କୁଢ଼େରଥି ତତେ ତିନ୍ ଖଣ୍ଡ୍ କରି ହାନି ଦେମିଁ । ସେଉଥୁଁ ମାମୁଁ ଘର୍‌କେ ଖଁଣେ ଦେମିଁ, ବାଘକେ ଖଁଣେ ଦେମି, ଆଉର୍ ମୁଇଁ ଖଣେଁ ଖାଏମିଁ । ତାର୍ ଆରେ ଦିନେ ଦେଖିଲା ବେଲ୍‌କେ ସତ୍‌କେ ସତ୍ ଗଜା ବାହାରି ଯାଇଥାଏ । ଫେଏର୍ ସେ ଦିନର୍ ବେଲ୍‌ବୁଡ଼ାକେ ପାଏନ୍ ଗଡ଼େ ରୁକି ନୈକରି ବୁଢ଼ୀ ବୁରେ ଗଜାକେ କହେଲା କି—"ବୁରେଗଜାରେ ବୁରେ ଗଜା କାଏଲ୍‌କେ ଯଦି ତୁଇଁ ଦୁଇହାତ ନୈବଢ଼ିଥିବୁ ତା'ହେଲେ କୁଢ଼େରଥି ତିନ୍ ଖଁଣେ କରି ହାନିଁ ଦେମିଁ । ସେଥିରୁ ମାମୁଁ ଘର୍‌କେ ଖଁଣେ ଦେମିଁ । ବାଘମାମୁଁକେ ଖଁଣେ ଦେମିଁ, ଆଉର୍ ମୁଇଁ ଖଁଣେ ଖାଏମିଁ ।"

ସତ୍‌କେସତ୍ ତାହିଁର୍ ଆର୍ ଦିନେ ବୁଢ଼ୀ ଦେଖ୍‌ଲା ବେଲ୍‌କେ ବୁରେ ଗଜାଟା ଦୁଇହାତେ ହଇ ଯାଇଛେ । ଏନ୍ତା ବୁଢ଼ୀ ସବୁଦିନେ ମନ୍ଦାଥି ପାଏନ୍ ଦିଏ ଆଉର୍ ବୁରେ ଗଛକେ ଉଗିଏ । ଦେଖୁନ୍ ଦେଖୁନ୍ କେତେଦିନ୍ ଭିତରେ ଗଛ ଦୁଇପତର୍‌ନୁ ଦୁଇହାତ୍ ହେଲା ହେନୁ ଫେର୍ ଗଛ ବଡ଼୍ ହେଲା । ଫୁଲ୍ ଫୁଟଲା । କଷି ଧଏଲା । କଷିକେ ଦେଖି କରି ବୁଢ଼ୀ କେତ୍‌ନା କେତେ ଉସତ୍ ହେଲା ବେଲ୍ ବୁଡ଼ାକେ ଆଉର୍ ଗଡ଼େ ପାଏନ୍ ଦେଇ କରି ଗଛକେ କହିଲା—

ବୁରେ ଗଛରେ ବୁରେଗଛ
ନାଇଁ ଜାନେ ମୁଇଁ ଆଗପଛ

Digitized by srujanika@gmail.com

କାଏଲ୍‌କେ ଯନ୍ଧ ନାଇଁ ଯାଚବୁଁ
କୁଡ଼େର ଚୂଟେ ଛିନ ଗନ୍ଧା ଦେବୁଁ
ଗନ୍ଧେ ପଠାଇବ ମାମୁଁ ଘର୍
ବାଘ ଖଣେ ନେବା···ବାକ ମୋର ।

ଇଟା ଶୁନି କରି ବୁଢେ଼ ଗଛର କଲ୍‌ଜା ଖାଏନ୍ । ତାର୍ ଆଗେ ଥରେ ଦେଖ୍‌ଲା ବେଲ୍‌କେ, ବୁଢେ଼ଗଛ ଲାଲ୍ ଗୁଲୁଗୁଲୁ ବୁଢେ଼ଥି ଲଦ ହେଇକରି ତଲେ ଖେଁସିରି ଯାଉଥାଏ । ଇସବୁ ଦେଖିକରି ବୁଢ଼ୀ ଉପର୍ ହେି କରି ଡାଲ ଖାଇଟାରେ ନାଚନେଲା । କହେଲା—ବୁଢେଁ ପାଁଚଲା, ମୋର ଦୁଃଖ୍‌ଟା ଗଲା । ହେଲେଁ ସେଦିନ ଅଧିଗ୍ୟାନ୍ତ ନକେ—ଲଠ୍ ଲଠ୍ । ବୁଢେର କହର୍ ଶୁଁଘି ଶୁଁଘି କାହ୍ନିଥିଲା ଯେ କୁଲହା ଗୁଟେ ବୁଢେ଼ ଗଛର ତଲେ ପହଞ୍ଚଲା । ବୁଢେଁ ପାଚଛେ । ଯାଚ ଯାଚ ଥିପୁଛେ । କୁଲହାନନା ତା'ର କନ୍ଧଆର୍ ଲଦି ବୁଢ୍‌କେ ନେଇଗଲା ।

ବୁଢ଼ୀ ସଖାଳୁ ଉଠିକରି ଦେଖ୍‌ଲା ବେଲ୍‌କେ ଗଛେ ଆଉର୍ ଅଧା ବୁଢେ଼ଭି ନାଇଁନ୍ । ଇଆଡ଼େ ଦେଖ୍‌ଲାବେଲକେ, କୁଲହା ପାଦ ଗଛର ତଲେ ପଡ଼ିଛେ । ବୁଢ଼ୀ କେତ୍‌ନ କେତେ ଗଛତଲେ କାନ୍ଦ୍‌ଲା ଆଉ ରାଗ ହେି କରି କଏଲା—''ରଇଥିଆ କୁଲହା, ତତେ ଆଉର୍ କେନୁଠାନ୍ ନୈ ମିଲ୍‌ଲା ଯେ—ମୋର ଛୋକାଲେକର ଧନ୍‌କେ ଆଶା କଲୁ । ରଃ ତୋତେ ଦେଖିନେମିଁ ।''

ଏତ୍‌କ କହି କରି ବୁଢ଼ୀ ଭଣ୍ଡାରି ଘର୍‌କେ ଗଲା ଆଉର୍ ଛର୍ ହେବାର ଛୁରା ବ୍ଲେଡ଼ପଟ୍ ମାଗି ଆନ୍‌ଲା । ତାହାକେ ଯତନ୍ କରି ଗାଁଛ ଗାଡ଼ ଦେଲା ଆଉର୍ ଦୁଇଦାଁଡ଼ ମିର୍ଚି । ଖାଏନ୍ ଗୁଲି ନେଲା ।

ବେଲ ବୁଡ଼୍‌ଲା । କୁଲହାର ତ ମୁହଁରେ ଲଗିଛେ । ସେନୁ ସେ ମିଠା ମାହାରସାଦ ଧରି କରି ଗଛ ନଗରକେ ଧାଏଁଲା । ଏକା ସାଙ୍ଗେ ସବୁ ହନ୍‌ମାନ୍ ବାନ୍ଦର ଗଛ ଉପର୍‌କେ ଚଢ଼ିଲେ । ସବୁ କୁଲହା ବୁଢେ଼ ପେଟେ ଖାଇ କରି ଉତ୍‌ରଲା ବେଲକେ ହବ୍ବ ମୁଣ୍ଡ୍ ଜଲ୍‌ଲା । କାଁ କର୍‌ବେ ଘଟରେ କେନୁ ପାଏନ୍ ମିଲ୍ ବା ଯେ—ନାକ ମାଏଲେ । ବୁଢ଼ୀ ତ ଦୁଇ ହାଁଡ଼ି ପାଏନ୍ ରଖି ହୈଛେ, ସବୁ ଯାଇ କରି ସେନୁ ଗାଧି ନେଲେ । ଆଉର୍

Digitized by srujanika@gmail.com

କେନ୍ କେ ଯିବେ ! ହୁଆ ହୁଆ କରି ଭୁକୁଲେ । ଇସବୁ ଦେଖିକରି ବୁଢ଼ୀ ଛାତ୍ ଘରର୍ ଫୁଲ କଣା ବାଟେ କହେଲା—



[ବୁଢ଼ୀକୁ କୁଲଢା କରେ ହୁଆ ହୁଆ]

“ଆସ ଆସରେ କୁଲଢା ମାନେ,
ମୋର ବୁଢ଼େ ପାତଲା··· ।”

କୁଲୁଢା ଛହୁଁ କହିଲେ—

Digitized by srujanika@gmail.com

"ନାଇଁ ଯାଉଁ ଲେ ବୁଢ଼ୀ ମାଉସୀ
ଆମର ଲେଞ୍ଜ ଜଲ୍‌ଲ୍‌...।"

ସେବେଠୁ ତାଙ୍କର ଲେଞ୍ଜ ଜଲ୍ ନେ ବଲି କରି ଆଜ୍‌ତକ୍ 'ହୁଆ' 'ହୁଆ' କରୁଛନ୍ ।

ମୋର କଥାଟି ସଏଲା ।

ଫୁଲ ଗଛଟିଏ ମଲା । ବୁଢ଼ୀ ଘର୍ କେ ବୁଲି ଗଲି ଯେ—ଘରଟା ଟିକେ ନାଇଁ ଦେଲା ।

●

ବୁଦେ—ବରକୋଲି

Digitized by srujanika@gmail.com

ଗଡ଼ଗଡ଼ ଯାଏ ଲାଉଧୁଡ଼ୁକା

ଅନେକ ଦିନ ତଳର କଥା । ବୁଢ଼ୀଟିଏ ଥାଏ । ତା'ର ଗୋଟିଏ ବୋଲି ଝିଅ । ସେଇ ତା'ର ଆଖି । ତାକୁ ଦଣ୍ଡେ ନ ଦେଖିଲେ, ବୁଢ଼ୀ ରହିପାରେ ନାହିଁ ।

ଝିଅର ବାହା ବୟସ ହେଲାରୁ ତାକୁ ସେ ବାହା କରିଦେଲା । ବାହା ସିନା କରିଦେଲା, ମନ ଯାଇ କିନ୍ତୁ ଝିଅ ପାଖରେ । କେତେଦିନ ପରେ ତାକୁ ସେ ଦେଖିବା ପାଇଁ ଖଜାମୁଆଁ ଧରି ଗଲା ।

ଏକା ଏକା ବାଡ଼ଖଣ୍ଡିଏ ଧରି ନଇଁ ନଇଁ ଚାଲିଥାଏ ବୁଢ଼ୀ । ବାଟରେ ପଡ଼ିଲା ଜଙ୍ଗଲଟିଏ । ସେଇ ଜଙ୍ଗଲଟା ପାରି ହୋଇଗଲେ— ତା' ଝିଅର ଘର । ଏଇ ବେଳରେ କୋଉଠି ଥିଲା···ଗୋଟାଏ ମଣିଷ-ଖିଆ ବାଘ ଆସି ତା'ର ବାଟ ଓଗାଳିଲା—"କାହିଁ ଯାଉଛୁ ଲୋ, ଖେଙ୍ଗେଇ ବୁଢ଼ୀ ! ତୋତେ ଆଜି ମୁଁ ଜଳଖିଆ କରିବି ରହ ।"

ବାଘଟାର ସେ ହେଣ୍ଟାଳ ଶୁଣି, ବୁଢ଼ୀର କଲିଜା ପାଣି । ସତକୁ ସତ ବାଘଟା ତ ତାକୁ ଏଇଲେ ଖାଇଯିବ ! କ'ଣ କରିବ ? ସେ ସେଇଠୁ ତାକୁ ନେହୁରା ହୋଇ କହିଲା—"ବାଘରେ ଏଇ ବଣଟା ପାରି ହୋଇଗଲେ ମୋ ଝିଅ ଘର । ମୁଁ ତା'ରି ପାଖକୁ ଯାଉଛି । ମାସେ ପକ୍ଷେ ରହିବି, ତା'ପରେ ଫେରିବି । ତୁ ଦେଖ୍ ମୋ ଦେହରେ ଏଇଲାଗେ କଣ୍ଟା ଦି'ଖଣ୍ଡିକୁ ଛାଡ଼ିଦେଲେ ଆଉ କିଛି ନାହିଁ । ମତେ ତୁ ଖାଇଲେ ମୁଁ ତୋ କଳରେ କଳଟିଏ ସୁଦ୍ଧା ହେବିନି । ମୁଁ ମୋ ଝିଅ ଘରୁ ଫେରେ । ମୋଟାମୋଟା ହୋଇ ଆସିଥିବି । ତୁ ମୋର ପଥ ଚାହିଁ ବସିଥା, ମତେ ଖାଇବୁ । ପେଟ ପୂରିଯିବ ।"

ବାଘ ବିଚାରିଲା—ଭଲ କଥା । କହିଲା—'ହଉ, ତୁ ଯା'—କିନ୍ତୁ ମନେରଖ, ଏଇବାଟେ ଯିମିତି ଆସୁ । ନ ହେଲେ ତୋ' ଘରକୁ ଯାଇଁ ମୁଁ ତୋତେ ଖାଇବି ।"

Digitized by srujanika@gmail.com

ବୁଢ଼ୀ ଏଥର ବାଘଠୁଁ ବିଦାୟ ନେଇ ଝିଅ ଘରକୁ ଗଲା । ଝିଅକୁ ସବୁକଥା କହିଲା । ମାସେ ପକ୍ଷେ ରହିଲା । ଯେତେବେଳେ ପୁଣି ଘରକୁ ଫେରିବା ବେଳ ହେଲା—ଝିଅ କ'ଣ କଲା—ବାଗିକୁ ଯାଇଁ ବଡ଼ ଲାଉଟାଏ ତୋଳିଆଣିଲା । ତାକୁ ଚକ୍‌କଣ କରି କୋରିକାରି ଦେଇ ତା' ଭିତରୁ ଶସ ବାହାର କରିଦେଲା । ବୁଢ଼ୀକି କହିଲା—"ମାଆ ଲୋ, ତୁ ଏହାରି ଭିତରେ ପଶି ଯା'—ଗଡ଼ ଗଡ଼ ଗୁଳିପିବୁ । ବାଘ ଆଜି ତୋତେ ଖାଇ ପାରିବନି ।"

[ଲାଉ ଭିତରେ ଥାଇ ବୁଢ଼ୀ ବାଘକୁ କହୁଛି]

Digitized by srujanika@gmail.com

ବେଶ୍ ଭଲ ଉପାୟଟିଏ । ବୁଡ଼ୀ ସେଥିରେ ରାଜିହେଲା । ଝିଅ ବୁଡ଼ୀକୁ ସେଇ ଲାଉ ଭିତରେ ପୂରେଇଦେଇ ଉଲକ ଗୁଣପାଖ ସିଲେଇ କରିଦେଲା । ତା'ପରେ ଗଡ଼େଇଦେଲା ବାଟରେ···।

ଲାଉ ଧୁଡ଼ୁକ ଗଡ଼ ଗଡ଼ ଗଲାଥାଏ ।

ଏଣେ ବୁଡ଼ୀକି ଖାଇବ ବୋଲି ତ ବାଘ ବାଟ ଜଗି ବସିଛି । ବୁଢ଼ୀ ବଦଳରେ ଲାଉଟିଏ ଦେଖି ସେ ପଚାରିଲା—

'ଲାଉ ଧୁଡ଼ୁକ, ଲାଉ ଧୁଡ଼ୁକ ।
ଦେଖିଚୁ କି ଭୁଟ୍ଟା ମୋ ବୁଢ଼ୀକି··· ?'

ଲାଉ ଭିତରେ ଥାଇଁ ବୁଡ଼ୀ କହିଲା—

"ମୁଁ ଇଁତ ଯାଉଛି ଗଡ଼ଗଡ଼କ
ମୁଁ କାଇଁ ଦେଖିବି ତୋ ବୁଢ଼ୀକି···?"

ଲାଉଟାକୁ କ'ଣ ବାଘ ଆଉ ଖାଆନ୍ତା ? ସେ ବାଟ ଛାଡ଼ିଦେଲା । ବୁଡ଼ୀଟି ଏଥର ତା' ସୁଖେ ଯାଇଁ ଘରେ ପହଞ୍ଚିଲା ।

●

ଟିପ୍ପଣୀ :

ଏ ଗପଟି ଓଡ଼ିଶାରେ ସ୍ଥାନକାଳ ଭେଦରେ ଭିନ୍ନ ଭିନ୍ନ ପ୍ରକାରରେ ଶୁଣାଯାଏ । କଟକ ଅଞ୍ଚଳରେ ଗପଟି ବୁଢ଼ୀକି ନେଇ ଶୁଣାଯାଉଥିବା-ବେଳେ—ବାଲେଶ୍ୱର ଅଞ୍ଚଳରେ ଗପଟି ଏକ ଷୋଳବର୍ଷର ଝିଅକୁ ନେଇ ଶୁଣାଯାଏ ।

ଝିଅଟି ତା' ବୁଡ଼ୀ ମାଆକୁ ଦେଖିବା ଲାଗି ଯାଉଥିଲାବେଳେ, ମଣିଷଖିଆ ବାଘଟିଏ ତା'ର ବାଟ ଓଗାଳେ । ଝିଅଟି ତାକୁ ବୋଧବାଧ ଦେଇ ମା'ଘରକୁ ଯାଏ । ସବୁ କଥା ଶୁଣି ମାଆ ତା'ର ଫେରିଲାବେଳକୁ ବାଉଁଶ ପାଣିକଖାରୁଟିଏ ତୋଳିଆଣେ । ତା'ରି ଭିତରେ ଝିଅକୁ ପୂରେଇ ଦେଇ ସେ ଗଡ଼େଇଦିଏ ରାସ୍ତାରେ··· । ଝିଅଟି ପାଣିକଖାରୁ ଭିତରେ ପଶି ଗୀତ ପଦେ ଗାଇ ଗାଇ ଆସୁଥାଏ—

Digitized by srujanika@gmail.com

"ଚମ୍ପାବଣ୍ଣ ମୁହିଁ, ଫେରୁଛୁ ବାପର ଘରୁ
ଗୁଣିଆର ଘୃଣି ଗାରେଡ଼ି ବଳରେ
ମୁଁ ଆଜ ଘାଣିକଖାରୁ ।"

ସେ କଥା ଶୁଣି ବାଘ ମନଦୁଃଖରେ କହେ—
"ଯାଃ ଚମ୍ପାବଣ୍ଣ ଯା'...
ଆଶା କରଥିଲି ଏତେ...
ନ ଖାଇ ପାରିଲି ତତେ...
ଘାଣିକଖାରୁ ତୁ ପାଲଟି ଯାଇଛୁ...
ତୋ ସୁଖେ ତୁ ଗଡ଼ୁଥା ।"

ସେ ଯାହାହେଉ ଏ ଗପଟି ଏକ ପ୍ରତୀକଧର୍ମୀ ଗଳ୍ପ । ବାଘ ଏଠାରେ ପ୍ରକୃତ ବାଘ ନୁହେଁ—ଦୁନିଆରେ ବାଘ ଭଳି ଯୋଉ ନରପିଶାଚ ସବୁ ଅଛନ୍ତି ସେ ହେଉଛି ସେଇମାନଙ୍କର ପ୍ରତୀକ । ଷୋଳବର୍ଷର ଝିଅଟିଏ କୌଶଳ କରି ନିଜକୁ ତା' କବଳରୁ କେମିତି ରକ୍ଷା କରୁଛି—ଗପଟିରେ ତାହା ହିଁ ସୂଚିତ ।

Digitized by srujanika@gmail.com

ମଣ୍ଡାଗଛ ଓ ବୁଢ଼ୀ ଅସୁରୁଣୀ କଥା

"ଥାଏ; କଏ—ନା ? ନା—
ଗାଈଆଳ ପିଲାଟିଏ ।"

"ହୁଁ ।"

"ସେ ନିଇତି ବଣକୁ ଯାଇ ଗାଆଁ ଲୋକଙ୍କର ଗାଈ ଚରାଏ ।"

"ହୁଁ ।"

"ଗାଆଁଲୋକ ତାକୁ ଭାରି ଆଦର କରନ୍ତି । ପୁନିଅ ପରବରେ ଅପୂରୁବ ସପୂରୁବ ଦରବଟାଏ ତାକୁ ଖାଇବା ପେଇଁ ଦିଅନ୍ତି ।"

"ହୁଁ ।"

"ଥରକର ଖାଇବା ଲାଗି ତାକୁ ବହୁତଗୁଡ଼ାଏ ମଣ୍ଡାପିଠା ମିଳିଗଲା । ପିଲାଟି ସେ ପିଠାତକ ଧରି ଗାଈ ନେଇ ବଣକୁ ଗଲା । ଖେଳିକଲାରୁ ଗୋଟିଏ ଗଛମୂଳେ ବସି ପିଠାପୁଡ଼ାଆଟି ଫିଟାଇ ମନବୋଧ କରି ଖାଇଲା ।

ଖାଉ ଖାଉ ଶେଷକୁ ଗୋଟିଏ ପିଠା ବଳିପଡ଼ିଲା । କଅଣ କରିବ ? ମନରେ କ'ଣ ପାଞ୍ଚି ତାକୁ ସେ ଗାତଖୋଳି ମାଟିରେ ପୋତି-ପକାଇଲା ।

କିଛିଦିନ ପରେ ଦେଖିଲାବେଳକୁ ସେଇ ଜାଗାରୁ ପିଠା ଗଛଟିଏ ଉଠି ଗଛସାରା ପିଠାଖାଲି ଲଦିହୋଇଛି । ତା' ଦେଖି ଗାଈଆଳ ପିଲାର ଆନନ୍ଦ କହିଲେ ନସରେ ! ସେଇଦିନୁ ତା'ର ଆଉ ଖାଇବା ଦିକ ନଥାଏ । ସେ ଯେତେବେଳେ ମନେକରେ ସେଇ ପିଠା ଗଛରେ ଚଢ଼ିଯାଏ···ମନଇଚ୍ଛା ପିଠା ତୋଳି ଖାଏ । ନିଜ ଫଟା ବଇଁଶିଟି ଧରି ବଜାଏ ।

Digitized by srujanika@gmail.com

ବନକର ପିଠା ଖାଇସାର ଗଛରେ ବସି ସେ ବଇଁଶୀ ବଜାଉଛନ୍ତି ଏଇ ସମୟରେ କାହୁଁ ଆସି ଗୋଟାଏ ବୁଢ଼ୀ ଅସୁରୁଣୀ ସେଠି ପହଞ୍ଚିଲା । ଇଲୋଃ ମା'ଲୋ…ତା'ର ଯୋଉ ବିକଟାଳ ଚେହେରା…। ଏଡ଼େ ଏଡ଼େ ନଖ…ଏଡ଼େ ଏଡ଼େ ଦାନ୍ତ ! ପିଲାଟିକୁ ଦେଖୁ ଦେଖୁ ତା' ପାଟିରୁ ଖାଲି ଲାଳ ଗଡ଼ିଲା ତାକୁ ଖାଇବା ପାଇଁ । ଇଏ କଅଣ ଏକା, ତା' ଜୀବନରେ କେତେ ପିଲାଙ୍କୁ ସେ ଖାଇ ତାଙ୍କ ଲହୁକୁ କୁଳୁକୁଳିଆ କରି ପିଇଛି । ତଥାପି ତା'ର ଗାଣ୍ଡ ପୂରିନ…କି ମନସାଧ ମେଣ୍ଟିନ !

"ସେଠୁ କ'ଣ ହେଲା ?"

[ଅସୁରୁଣୀ ବୁଢ଼ୀର ପିଲାଟିକୁ ଦେଖି ଲାଳ ବୋହୁଛି]

Digitized by srujanika@gmail.com

"ସେଉଠୁ ଆଉ ହବ କ'ଣ ? ପିଲାଟିକୁ ଖାଇବ ବୋଲି ସେ ଗଛ ତଳକୁ ଗଲା । କଅଁଳେଇ କରି ଡାକିଲା । "ହଇରେ ପୁଅ ଗଛରେ ଏତେ ପିଠା ଫଳିଛି । ମତେ ହଇଟା ହଅନ୍ତୁ ନାଇଁ—ମୁଁ ଖାଆନ୍ତି ।"

ପିଲାଟି କହିଲା—"କାହିଁକି, ଗଛମୂଳେ ତ ଏତେ ପିଠା ପଡ଼ିଛି, ସେଇଆକୁ ଗୋଟେଇ ନଉନୁ ।"

ବୁଢ଼ୀ କହିଲା—"ଛେଃ, ସେଗୁଡ଼ାକ ତଳେ ପଡ଼ିଛି । ଧୂଳିମାଟି ଲାଗିଛି । ତୁ ଦୁଇଟା ତୋଳି ମତେ ଆସି ତଳେ ଦେଇଯାଉନୁ ।"

ପିଲାଟି ଏତେ ଛନ୍ଦକପଟ ବୁଝିପାରିଲା ନାହିଁ । ସେ ଯେମିତି ପିଠା ତୋଳି ତଳକୁ ଓହ୍ଲେଇ ଆସିଛି···ସିମିତି ବୁଢ଼ୀ ତାକୁ ଖାପୁକିନା ଧରି-ପକେଇଲା ! ଆଉ କି ଛାଡ଼େ ? ଗୋଟାଏ ଅଖାରେ ପୂରାଇ ଚାଲିଲା ତା' ଘରକୁ !!

"ଘରେ ନେଇ କଅଣ କଲା ?"

"ଶୁଣ, ସେ କଅଣ କଲା । ତା' ଝିଅକୁ ଡାକିଲା । କହିଲା—"ଆଲୋ ମା, ଆଜି ଗୋଟିଏ ବଡ଼ିଆ ଟୋକାକୁ ଧରି ଆଣିଛି । ନେ, ଏହାକୁ ମାରି ସାଗୁଆଡ ଝୋଳ ଟିକେ କର । ମୁଁ ନଈରୁ ଗାଧୋଇ ଆସିଲେ ଖାଇବ । ଏହା କହି ବୁଢ଼ୀ ଅସୁରୁଣୀ ଗାଧୋଇଗଲା ।

"ତା'ପରେ···ତା'ପରେ କଅଣ ହେଲା ?"

ସେ ଝିଅଟି ପ୍ରକୃତରେ ବୁଢ଼ୀ ଅସୁରୁଣୀର ଝିଅ ନୁହେଁ । ତା'ର ଧରମ ଝିଅ । ଦେଖିବାକୁ ଜହ୍ନଫୁଲଟି ପରି ଭାରି ସୁନ୍ଦର ! ସେ ଝିଅର ବଉଁଶଟାସାରା ଖାଇ ତାକୁ ଆଣି ସେ ବୁଢ଼ୀ ଅସୁରୁଣୀ ପାଳିଥାଏ ! ସେ ଖାଏ ସାଗୁଆଡ, ତାକୁ ଆଣିଦିଏ ବଣର ଫଳମୂଳ ।

ସେ ଝିଅ ଯେତେବେଳେ ଅଖାମୁହଁ ଫିଟେଇ ଦେଇଛି—ଦେଖିଲା-ବେଳକୁ ସତକୁ ସତ ଉଜଳ ତାଉଳ ପିଲାଟିଏ ତା' ଭିତରେ ! ତାକୁ ଦେଖି ତା'ର ସତ ବଳଲାନ ମାରିବା ପାଇଁ । କହିଲା—"ବୁଢ଼ୀ ଅସୁରୁଣୀ ଆସିବା ଆଗରୁ ତୁମେ ଯେତେ ସଅଳ ପାରୁଛ ଏଠାରୁ ପଳାଇ ଯା—"

Digitized by srujanika@gmail.com

ପିଲାଟି କହିଲା—"ହେଲେ ତ ମରିବ, କାହିଁକି ପଳେଇଯିବ ! ସେ ଗାଧୋଇଯାଉ ଆସୁ । ତା'ର ମୋର ଲଢ଼େଇ ହେବ । ମୁଁ ମରିଗଲେ ସେ ମୋତେ ଖାଇବ । ବଞ୍ଚିଗଲେ ମୁଁ ଏତେକାଳର ଗୋଟିଏ ବୁଢ଼ୀ ଅସୁରୁଣୀକି ମାରିଦେଇଛି ବୋଲି ମୋର ନାଆଁ ରହିବ ।"

ପିଲାଟିର ସାହସ ଦେଖି ଝିଅଟିର ଫୁଲପରି କଅଁଳିଆ ସୁନ୍ଦର ମୁହଁଟି ସତେଜ ହୋଇଉଠିଲା । ପ୍ରକୃତରେ ଜଣେ ଦୁ'ଜଣ ଜୀବନକୁ ଇମିତି ପାଣି ଛଡ଼େଇ ନ ଦେଲେ ବୁଢ଼ୀ ଅସୁରୁଣୀ ମରିବ କି ? ସେଉଠୁ ସେ ପିଲାଟିକୁ କହିଲା କି 'ତୁମେ ଯଦି ବୁଢ଼ୀ ଅସୁରୁଣୀକି ମାରିବା ଲାଗି ସାହସ କରୁଛ ଭଲ, ଆଜି ମୁଁ ତା'ର ଜୀବନ ନାଟିକା କେଉଁଠି ବୁଝେ !"

ପିଲାଟି ତା' କଥାରେ ରାଜିହେଲା । ତାକୁ ସେଉଠୁ ଝିଅଟି ଗୋଟିଏ ଜାଗାରେ ଲୁଚେଇଦେଲା । ଆଉ ଗୋଟିଏ ଜୀବ ମାଂସ ରାନ୍ଧି ରଖିଲା । ପିଢ଼ରେ ବସି କାନ୍ଦୁଥାଏ । ଏଣେ ବୁଢ଼ୀ ଅସୁରୁଣୀ ଆସି ଦେଖେତ ଝିଅ ବସି କାନ୍ଦୁଛି । ମୁହଁଟି ତା'ର ଝାଉଁଳି ପଡ଼ିଛି । ପଚାରିଲା—"କିଲୋ ମା', ତୁ କାହିଁକି ବସି କାନ୍ଦୁଛୁ ?"

ତହୁଁ ସେ ଝିଅ କହିଲା—"ତୁ ତ ମୋ ବଂଶଯାକ ଖାଇଲୁ । ଅବକା ତୁ ମୋ ମା' ବାପା ସବୁ । ତୁ ଥିଲେ ମୋର ସବୁ ଅଛି । କାଲି ମୁଁ ଗୋଟିଏ ସପନ ଦେଖିଲି—ତୋତେ ମାରିବାକୁ ଜଣେ ଅସ୍ତ୍ର ଧରି ଆସୁଛି । ତୁ ଯଦି ମରିବୁ, ମୁଁ କ'ଣ କରିବି ?"

ଝିଅଟିର କଥା ଶୁଣି ବୁଢ଼ୀ ଅସୁରୁଣୀ ହସିଲା । କହିଲା—"ଆଲୋ ମା' ମୁଁ କ'ଣ ଏତେ ସହଜରେ ମରିବି ? ମୋ ମୁଣ୍ଡରେ ଯେତିକି କେଶ ତୁ ଦେଖୁଛୁ, ମୋର ଆୟୁଷ ହେଉଛି ସେତିକି । ମୁଁ ଆଦିକାଳରେ ଥିଲି । ଏବେ ଅଛି । କାଳକାଳକୁ ରହିଥିବି । ଗଛରୁ ପତର ସରିବ ନାହିଁ କି ମୋର ଆୟୁଷ ସରିବ ନାହିଁ । ମତେ ପୁଣି ମାରିବ କିଏ ?"

ଝିଅ ଲୁହ ପୋଛି ପଚାରିଲା—"ତେବେ ତୁ ମରିବୁ ପୁଣି କେମିତି ?"

Digitized by srujanika@gmail.com

ଅସୁରୁଣୀ କହିଲା—"ଏଠୁ ଯୋଜନକ ଦୂରରେ ଗୋଟିଏ ଅଗନାଅଗନ ବନସ୍ତ । ସେଇ ବନସ୍ତରେ ଗୋଟିଏ ବଡ଼ ପୁଷ୍କରଣୀ । ସେଇ ପୁଷ୍କରଣୀର ସାତତାଳ ପାଣି ସାତତାଳ ପଙ୍କ ତଳେ ଗୋଟିଏ କୋଉ କାଳର ପୁରୁଣା ଉଆସ । ସେଇ ଉଆସର ଗୋଟିଏ କୋଠରୀରେ ଥୁଆହୋଇଛି ସିନ୍ଦୁକଟିଏ । ସେ ସିନ୍ଦୁକ ଭିତରେ ଗୋଟିଏ ବାକ୍ସ । ସେଇ ବାକ୍ସ ଭିତରେ ଗୋଟିଏ ଫରୁଆ । ସେ ଫରୁଆ ଭିତରେ ଗୋଟିଏ କଉଟ । ସେ କଉଟ ଭିତରେ ଗୋଟିଏ ଭଅଁର । ସେଇ ଭଅଁର ଭିତରେ ଯାଇଁ ମୋର ଜୀବନ କାଠିକା । ଭଅଁରକୁ କିଏ ଯାଇ ମାରିବ ନା ମୁଁ ମରିବ ?"

ତହୁଁ ସେ ଝିଅ ଅସୁରୁଣୀ ବୁଢ଼ୀକି ଖାଇବାକୁ ଦେଲା । ବୁଢ଼ୀ ଖାଇସାରି ବଣକୁ ଗଲା ।

ଝିଅଟି ଏଥର ଗାଈଆଳ ପିଲାକୁ ସବୁକଥା କହିଲା ।

ପିଲାଟି ପଚାରିଲା—"କେମିତି ମୁଁ ସେ ସାତତାଳ ପାଣି ସାତତାଳ ପଙ୍କ ଉଆସ ଭିତରକୁ ଯିବି ! ସେ ଉପାୟ ମତେ ଏବେ ଜାଣିଥିଲେ କହ !"

ବୁଢ଼ୀ ଗଳରେ ଛଅଟି ପୁଡ଼ିଆ ଝୁଲୁଥିଲା । ପିଲାଟି ହାତରେ ତାକୁ ଦେଇ ଝିଅଟି କହିଲା—"ତୁମେ ଯେତେବେଳେ ସେ ଉଆସକୁ ଯିବ··· ବୁଢ଼ୀଅସୁରୁଣୀ ଯୋଜନଠି ଥାଉନା କାହିଁକି ସେ କଥା ଜାଣିପାରିବ । ସେ ତହୁଁ ତୁମ ପଛରେ ଗୋଡ଼େଇବ । ଏତିକବେଳେ ତୁମେ କ'ଣ କରିବ ନା, ଏଇ ପ୍ରଥମ ପୁଡ଼ିଆଟି ତା' ଆଗରେ ଖୋଲିଦେବ । ଏ ପୁଡ଼ିଆଟି ବତାସ ପୁଡ଼ିଆ । ତାକୁ ଖୋଲିଦେବା ମାତ୍ରେ ଦେଖିବ ଖୁବ୍ ଜୋର୍‌ରେ ଝଡ଼ବତାସ ବହିବ । ଯଦି ସେ ଝଡ଼ବତାସ କାଟି ତୁମ ପାଖରେ ପୁଣି ପହଞ୍ଚେ···ତୁମେ ତହୁଁ କ'ଣ କରିବ ନା—ଦ୍ୱିତୀୟ ପୁଡ଼ିଆଟି ଖୋଲିଦେବ । ସେଥିରେ ଭରିରହିଛି ଖାଲି 'ହୁଳା ପଥର' । ତାକୁ ଖୋଲିଦେବା ମାତ୍ରେ ଘଡ଼ଘଡ଼, ଲୁଆପଥର ସବୁ ବୃଷ୍ଟି ହେବ । ତାକୁ ଖାତିର ନକରି ଯଦି ବୁଢ଼ୀ ପୁଣି ତୁମ ପାଖରେ ପହଞ୍ଚେ···ତୁମେ ଏଥର ତୃତୀୟ

Digitized by srujanika@gmail.com

ପୁଡ଼ିଆଟି ଖୋଲିବ । ସେ ପୁଡ଼ିଆରେ ରହିଛି 'ବର୍ଷାପାଣି' । ତାକୁ ଖୋଲିଦେବା ମାତ୍ରେ ଖୁବ୍ ଜୋର୍‌ରେ ବର୍ଷା ହେବ । ତାକୁ ଖାତିର ନ କରି ଯଦି ବୁଢ଼ୀ ତୁମ ପାଖରେ ପହଞ୍ଚେ ତୁମେ ତହୁଁ ଚତୁର୍ଥ ପୁଡ଼ିଆଟି ଖୋଲିବ । ସେଇଟି ଗୋଟିଏ 'ନିଆଁ ପୁଡ଼ିଆ' । ତାକୁ ଖୋଲିଦେବା ମାତ୍ରେ ବୁଢ଼ୀର ରାସ୍ତାରେ ହୁ-ହୁ ହୋଇ ରଡ଼ନିଆଁ କୁଢ଼େଇ ହେବ । ସେଥିରେ ଯଦି ବୁଢ଼ୀ ପୋଡ଼ି ନଯାଏ ତୁମେ ଏଥର ପଞ୍ଚମ ପୁଡ଼ିଆଟି ଖୋଲିବ ··· । ସେ ପୁଡ଼ିଆଟି ହେଉଛି—'ଅନ୍ଧାର ପୁଡ଼ିଆ' । ତାକୁ ଖୋଲିଦେବା ମାତ୍ରେ କଳା କିଟିମିଟି ଅନ୍ଧାର ମାଡ଼ିଆସିବ । ବୁଢ଼ୀ ଆଖିକି କିଛି ଆଉ ଦେଖାଯିବନି । ସେ ଏଣେ ବାଟ ଅଣ୍ଡାଳି ହେଉ ହେଉ ତୁମେ ଷଷ୍ଠ ପୁଡ଼ିଆଟି ଖୋଲିଦେବ । ସେଥିରେ ଅଛି ମଣିଟିଏ । ସେଇ ମଣିଟି ତୁମ ହାତରେ ଥିଲେ—ସାତତାଳ ପାଣି, ସାତତାଳ ପଙ୍କ ଭିତରେ ଥିବା ଜୁଆସକୁ ବାଟଟିଏ ଫିଟିଯିବ । ସେଇ ବାଟରେ ତୁମେ ଯାଇଁ ଗୋଟିଏ ଅନ୍ଧାରୁଆ କୋଠରୀରେ ପହଞ୍ଚିବ । ସେଠୁ ସିନ୍ଦୁକଟି ଖୋଲି କବାଟରେ ଥିବା ଭଅଁରଟିକୁ ମାରିଦେବ । କିନ୍ତୁ ଗୋଟିଏ କଥା ମନେରଖିଥିବ··· ସେ ଜୁଆସ ହେଉଛି ବୁଢ଼ୀ ଅସୁରୁଣୀର ଗନ୍ତାଘର । ପିତଳ ଏବଂ ତମ୍ବା ହାଣ୍ଡିରେ ସେ ଜୁଆସ ଭିତରେ ବୁଢ଼ୀ, କେଜାଣି କେତେ ସୁନା ରୁପା ହୀରାନୀଳା ମଣିମୁକ୍ତା ସବୁ ରଖିଛି । ବୁଢ଼ୀକୁ ମାରିବା ଆଗରୁ ତୁମେ କେବେ ବି ସେ ଧନ ପ୍ରତି ଲୋଭ କରିବନି ।"

ଧନ ଭଣ୍ଡାର ପାଖରେ ଅଛି ସୁଖ ଭଣ୍ଡାର । ସାରା ମଣିଷଜାତିର ସୁଖକୁ ଲୁଟି କରିନେଇ ଅନେକ ବର୍ଷ ହେଲା ବୁଢ଼ୀ ସେଠି ସାଇତିଛି । ବୁଢ଼ୀକୁ ମାରିବା ପରେ ତୁମେ ସେ ସୁଖ ନାମକ ଜିନଷଟିକୁ ଗରିବମାନଙ୍କୁ ବାଣ୍ଟିଦେବ । ସୁଖ ବାଣ୍ଟିଲେ ବଢ଼େ । ତୁମେ ଯେତେ ସୁଖ ବାଣ୍ଟିବ ସୁଖ ତୁମକୁ ସେତେ ମିଳିବ ।

ଝିଅଟି ଯେମିତି ବତେଇଦେଲା, ତା' କଥା ଅନୁସାରେ ଗାଈଆଳ ପିଲା ଗୋଟି ଗୋଟି କରି ସବୁ କାମ କରିଗଲା । ବୁଢ଼ୀ 'ଝଡ଼ବତାସ' କୁଆପଥର କି ମେଘ କାହାରିକି ଖାତିର କଲାନି । ନିଆଁ ଯେତେବେଳେ ହୁ' ହୁ' ହୋଇ ଜଳିଉଠିଲା—ତାକୁ ସେ ଛେପ ପକାଇ ଲିଭାଇଦେଲା ।

Digitized by srujanika@gmail.com

ଘରଆଡ଼େ ଯେତେବେଳେ ଅନ୍ଧାର ହୋଇଗଲା···ବୁଢ଼ୀ ନିଜ ଆଖିରୁ ଆଲୁଅ ବାହାର କରି ଧାଇଁଲା । ଯେମିତି ହେଉ ଶେଷକୁ ଆର ଅସ୍ତ୍ରରେ ତାକୁ ହିଁ କାବୁ କରି ପିଲାଟି ଭଅଁରର ଡଣ୍ଡି ଚିପିଦେଲା । ଏଣେ ବୁଢ଼ୀ ଅସୁରୁଣୀ ବିକଟାଳ ଚିତ୍କାରକରି ଆକାଶ ପାତାଳ ଏକ କରି ମରି ଶୋଇଲା !

ବୁଢ଼ୀ ମରିଯିବାର ଖବର ଶୁଣି ଦେଶ ଦୁନିଆ ସମସ୍ତେ ଆନନ୍ଦିତ ହେଲେ ! ଏ ପୁଅଟିଏ ବୁଦ୍ଧି କୌଶଳ କରି ବୁଢ଼ୀକି ମାରି ଦେଇଥିବାରୁ ସମସ୍ତେ ତାଙ୍କ ସାହସକୁ ଧନ୍ୟ ଧନ୍ୟ କଲେ । ଜଣେ କିଏ କହିଲା—

"ଦୁନିଆରେ ଯେତେ ଟଙ୍କା ସୁନା ଅଛି ସେ କାହାରି ଜଣଙ୍କର ନୁହେଁ··· ସେ ହେଉଛି ମାତ୍ର ମଣିଷ ଜାତିର । ତାକୁ ନେଇ ଜଣେ ଯେତେ ନିଜର କରି ରଖିଲେ ମଧ୍ୟ ରଖିପାରିବନି ! ଯେମିତି ଅନ୍ୟକୁ ମାରିବା ଲାଗି ଜଣେ ଯେତେ ଅସ୍ତ୍ରଶସ୍ତ୍ର ତିଆରି କରି ରଖିଲେ ମଧ୍ୟ ଦିନେ ଦେଖିବ ରୁହ ସେ ଅସ୍ତ୍ର ଅନ୍ୟ ହାତରେ ରହି ତାକୁ ହିଁ ବିନାଶ କରିବ । ଯେମିତି ବୁଢ଼ୀ ଅସୁରୁଣୀ ମଲା ସେମିତି ସେ ମରିବ ।"

"ତା'ପରେ କ'ଣ ହେଲା ?"

"ତା'ପରେ ଆଉ ହେବ କ'ଣ, ସେ ପିଅ ତହୁଁ ସେ ଗାଁଆଳ ପିଲାକୁ ବାହାହେଲା । ବୁଢ଼ୀର ଗନ୍ତାଘରେ ଯେଉଁ ପାହାଡ଼ ପରିମାଣର ଧନରତ୍ନ ଥିଲା, ପର୍ବତ ପରିମାଣରେ ଧାନଚାଉଳ ଥିଲା, ଆକାଶ ଲମ୍ବର ଲୁଗାପଟା ଥିଲା—ତାକୁ ସେ ଦୁହେଁ ସମାନ ଭାବରେ ସବୁଲୋକଙ୍କ ଭିତରେ ବାଣ୍ଟିଦେଲେ । କାହାରି ଆଉ କୌଣସି କଥାର ଅଭାବ ରହିଲାନି । ସମସ୍ତେ ସୁଖରେ ରହିଲେ । ଶାନ୍ତିରେ ରହିଲେ ।

"ସେଉଠୁ ।"

"ସେଉଠୁ ପୁଣି କ'ଣ ? ମୁଁ ଦିନେ ସେ ରାଇଜକୁ ବୁଲି ଯାଇଥିଲି ଯେ, ମତେ ବଢ଼ିଆ ବଢ଼ିଆ ଖାଇବା ଦରବ ସବୁ ମିଳିଲା । ମୋ କଥାଟି ସରିଲା ।"

ଟିପ୍ପଣୀ :

ବୁଢ଼ୀଅସୁରୁଣୀ ଏଠି ଶୋଷଣ ଏବଂ ଉତ୍ପୀଡ଼ନର ପ୍ରତୀକ । ଯିଏ କି ଜୀବନ୍ତ ଲୋକର ରକ୍ତମାଂସକୁ ଜଭ ଲଗାଇ ଚାଟି ଦେବାକୁ ସବୁବେଳେ ତିଆର ହୋଇ ରହିଛି । ମଣିଷ ଜାତିର ସୁଖ ସୁବିଧାରେ ଅହରହ ବାଧା ଦେଉଛି । ଆଜ ଏ ଗାଈଆଳ ପିଲା ସେ ହେଉଛି ନୈତିକ ମୂଲ୍ୟବୋଧର ପ୍ରତୀକ । ବୁଢ଼ୀ ଅସୁରୁଣୀର ବିନାଶ ଶୋଷଣର ବିନାଶ ଏବଂ ନୈତିକ ମୂଲ୍ୟର ପୁନର୍ସ୍ଥାପନାର ସଙ୍କେତ !!

Digitized by srujanika@gmail.com

ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ଗୋଟିଏ ଗାଆଁ । ଗାଆଁରେ ଗରିବ ବ୍ରାହ୍ମଣଟିଏ ରହେ । ଘରକୁ ମାମୁ ମାଇଁ ଦି'ପ୍ରାଣୀ । କୁଳଧର୍ମ ରଖିବା ଲାଗି କୋଳରେ ପିଲାଟିଏ ନାହିଁ । ସେଥିପାଇଁ ମନ ଦୁଃଖ । କେତେ ଓଷା ବ୍ରତ । କେତେ ଦିଅଁ ଦେବତାଙ୍କୁ ଡାକନ୍ତି । ଶେଷକୁ ଠାକୁର ଡାକ ଶୁଣିଲେ—ବ୍ରାହ୍ମଣୀ ଆଜି କେତେ ଦିନ ପରେ ମା' ହେବ ! ତା'ର ମନ ବଳିଲା କଲମ ଶାଗ ସ୍ୱାଦ ଖାଇବାକୁ । କଲମ ଶାଗ ଆଉ କୋଉଠି ନଥାଏ । ଯୋଉ ପୋଖରୀରେ କୁମ୍ଭୀରଟିଏ ଅଛି ସେଇଠି କେବଳ ଥାଏ । ବ୍ରାହ୍ମଣ ଘୂରିଆଉ ଖୋଜି ଖୋଜି ଯାଇ ସେଇ ପୋଖରୀରେ ପହଞ୍ଚିଲା ଶେଷରେ । ସୁନ୍ଦର କଅଁଳ ଛନ ଛନ କଲମ ଶାଗ ଲଟେଇଛି ସେ ପୋଖରୀ ସାରା । ବ୍ରାହ୍ମଣର ମନ ଖୁସ୍ । ତୋଳିବସିଲା ସେ ।

ସେ ଏଣେ ଶାଗ ତୋଳୁଥାଏ, ତେଣେ ସେ ପୋଖରୀ ଭିତରୁ କୁମ୍ଭୀର ବାହାରିଲା । ପଚାରିଲା—"କଲମ ଶାଗ କ'ଣ କରିବ କହୋ ଗୋସେଇଁ ?"

ବ୍ରାହ୍ମଣ କହିଲା—"କ'ଣ ଆଉ କହିବି ? ମୋର ଘରଯାର କ'ଣ ବକଟେ ପିଲାପିଲି ହେବାର ଅଛି ଯେ, କଲମ ଶାଗ ଖାଇବାକୁ ମନ କରୁଛି । ସେଥିପାଇଁ ତୋଳୁଛି ।"

କୁମ୍ଭୀର କହିଲା—"ହୁଁ ବୁଝିଲି । କିନ୍ତୁ ଦେଖ, ଶାଗ ମୋର ମାଗଣା ପଡ଼ିନି । ତୁମେ ଯଦି ଗୋଟିଏ ସର୍ତ୍ତରେ ରାଜି ହେବ, ତେବେ ମୁଁ ତୁମକୁ ଶାଗ ତୋଳିବାକୁ ଦେବି । ନଚେତ୍ ଫେରିଯାଅ··· ।"

କୁମ୍ଭୀରର ପୋଖରୀ ଛଡ଼ା ତ ଆଉ କୋଉଠି କଲମ ଶାଗ ମିଳିବାର ଆଶା ନାହିଁ । କ'ଣ କରନ୍ତା ବ୍ରାହ୍ମଣ । ସେ ସର୍ତ୍ତରେ ରାଜି ହେବ ବୋଲି କହିଲା ।

Digitized by srujanika@gmail.com

କୁମ୍ଭୀର କହିଲା—"ଏ ଶାଗ ଖାଇ ଯଦି ବ୍ରାହ୍ମଣୀର ପୁଅଟିଏ ହୁଏ —ସେ ପୁଅଟି ତୁମର । ଆଉ ଯଦି ଝିଅ ହୁଏ, ତାକୁ ଷୋଳ ବରଷ ପୂରିଲେ ମତେ ଆଣି ଦେଇଦେବ । ଏଥର ସତ୍ୟ କର ।"

ବ୍ରାହ୍ମଣ ଅଗତ୍ୟା ସତ୍ୟ କଲା । ତା'ପରେ ବ୍ରାହ୍ମଣୀ ପାଇଁ ମୁଠେ ଦି'ମୁଠେ କଳମ ଶାଗ ତୋଳି ଘରକୁ ଆସିଲା ।

ଯୋଗକୁ ବ୍ରାହ୍ମଣୀର ପୁଅ ନ ହୋଇ ଝିଅଟିଏ ହେଲା । ଝିଅଟି ଯତେକ ଲକ୍ଷଣୀରେ ଗଢ଼ା । ପୁନେଇଁ ଜହ୍ନଠୁଁ ବଳି ଆହୁରି ସୁନ୍ଦର । ବ୍ରାହ୍ମଣ ବ୍ରାହ୍ମଣୀ ତା' ନାଁ ରଖିଲେ ସୁନ୍ଦରୀ ।

ସୁନ୍ଦରୀ ଚନ୍ଦ୍ରକଳା ପରି ବଢୁଥାଏ । ବ୍ରାହ୍ମଣ ଆଖିକି ଏଣେ ନିଦ ନଥାଏ, କେମିତି ସୁନ୍ଦରୀକି ନେଇ ସେ କୁମ୍ଭୀରକୁ ଦେବ ଦିନରାତି କେବଳ ସେଇ ଚିନ୍ତା କରୁଥାଏ । ନଚେତ୍ ସତ୍ୟଭଙ୍ଗ ହେବ ଯେ—

ଇମିତି ଇମିତି ସୁନ୍ଦରୀକି ଯିମିତି ଷୋଳ ବରଷ ହୋଇଛି— ବ୍ରାହ୍ମଣ କହିଲା—"ଝିଅଲୋ, ଚାଲ୍ ତୋ ମାମୁଁଘରକୁ ଯିବା ।"

ଝିଅ କି ଜାଣେ ଏତେ କଥା ? ସେ ଖୁସି ମନରେ ମାମୁଁଘରକୁ ବାହାରିଲା ।

ଆଗେ ଆଗେ ଚାଲିଥାଏ ବାପ, ପଛେ ପଛେ ଚାଲିଥାଏ ସୁନ୍ଦରୀ । ଯାଉଁ ଯାଉଁ ବାଟ ମଝିରେ—ସେଇ ପୋଖରୀ ପଡ଼ିଲା । ପୋଖରୀରେ କଳାଧୁମର ପାଣି । ଅନେଇଲେ ଦରପଣ ପରି ମୁହଁ ଦିଶିବ ସେଥିରେ ।

ସିମିତିକା ପାଣି ଦେଖି ସୁନ୍ଦରୀ ବାପାକୁ କହିଲା—"ବାପା, ବାପାମ, ଏ ପୋଖରୀରୁ ମୁଁ ମୁନ୍ଦାଏ ପାଣି ପିଅନ୍ତି ।"

ବାପା କହିଲା "ମ'..., ଏଇ ଗୋଟାଏ କଥା । ଏ ପରା ତୋ' ମାମୁଁ ଘର ପୋଖରୀ । ମନ୍ଦାଏ କାହିଁକି—ଯା' ପେଟ ଭରି ପିଇ ଆ...

ସୁନ୍ଦରୀ ପୋଖରୀ କୂଳ ଯାଇ ମନଇଚ୍ଛା ପାଣି ପିଇଲା । ଦୁଧ ନବାତ ପରି ସେ ପାଣି ଏତେ ସୁଆଦ ! ଏତେ ମଧୁର !

ପିଏ ପାଣି ପିଇକି ଉଠିଆସୁଛି...ଏଇ ସମୟରେ ଦେଖିଲା ସେ ପୋଖରୀରେ ଗୋଟିଏ ପଦୁଅଁ ଫୁଲ ଫୁଟିଛି । ସହସ୍ର ପାଖୁଡ଼ା ପଦ୍ମ !

Digitized by srujanika@gmail.com

ଲୋଭ ସମ୍ଭାଳି ନ ପାରି ବାପାଙ୍କୁ କହିଲା—"ବାପା ମ···, ମୁଁ ଏଇ ଫୁଲଟିକ ତୋଳନ୍ତି ।"

ବାପା କହିଲେ—"ମାମୁଁଘର ପୋଖରୀ ତ ଭୟ କାହାକୁ ? ଯା', ତୋଳି ଆଣେ ।"



[ସୁନ୍ଦରୀ ପଦ୍ମଫୁଲ ତୋଳିବାକୁ ଯାଉଛି କିନ୍ତୁ ଫୁଲଟି ଘୁଞ୍ଚି ଘୁଞ୍ଚି ଯାଉଛି]

ସୁନ୍ଦରୀ ବଳାଗଣ୍ଠି ଯାଏ ଶାଢ଼ୀ ଟେକି ପାଣି ଭିତରକୁ ପଶିଲା । କିନ୍ତୁ ଏ କ'ଣ ପଦ୍ମଟା ଘୁଞ୍ଚି ଘୁଞ୍ଚି ଚାଲିଯାଉଛି କାହିଁକି ? ସେତେବେଳକୁ ସୁନ୍ଦରୀ ଯାଇ ପାଦକ ପାଣିରୁ ବଳାଗଣ୍ଠିଏ ପାଣିରେ ହେଲାଣି । ବାପାଙ୍କୁ

Digitized by srujanika@gmail.com

ଡାକକ କହିଲା—"ବାପାଲୋ, ପଦ୍ମ ଫୁଲଟା ଗୋଡ଼ ଥିଲା ଯଉ ଘୁଞ୍ଚି ଘୁଞ୍ଚି ଚାଲିଯାଉଛି···।

ବାପା ତା'ର ପୋଖରୀ ହୁଡ଼ାରେ ବସି ବଟୁଆ ମେଲେଇ ପାନ ଖାଉଥିଲା । କହିଲା, "ଯା' ମା' ! ଆଉ ଟିକେ ଭିତରକୁ ପଶି ଯା'— ମାମୁଁଘର ପଦୁଅଁ ଫୁଲ ସେ । ସେ କ'ଣ ଏତେ ଶୀଘ୍ର ତୋତେ ଆଉ ଧରାଦେବ ?"

ସୁନ୍ଦରୀ କଳାଗଣ୍ଠିଏ ପାଣିରୁ ଯାଇ ଆଣ୍ଠୁଏ ପାଣିରେ ହେଲା । ଆଣ୍ଠୁଏ ପାଣିରୁ ଯାଇ ଜଙ୍ଘକ ପାଣିରେ ହେଲା । ଜଙ୍ଘକ ପାଣିରୁ ଯାଇ ଅଣ୍ଟାକ ପାଣିରେ ହେଲା, ତଥାପି ପଦ୍ମଫୁଲଟା ଘୁଞ୍ଚି ଘୁଞ୍ଚି ଯାଉଛି—

ସୁନ୍ଦରୀ କହିଲା—"ଅଣ୍ଟାକ ପାଣିକ ଗଲି ହେ ବାପା···
ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି···"

ବାପା କହିଲା—"ମୁଁ କ କରିବି ଝିଅ ଲୋ···!
ତୋ' ମାଆ ତ କଳମ ଖାଇଛି ।"

ସୁନ୍ଦରୀ ଆଉ ଟିକଏ ପାଣିକ ପଶିଗଲା । ପଦୁଅଁ ଫୁଲ ଆଉ ଟିକଏ ଘୁଞ୍ଚିଗଲା । ଅଣ୍ଟାକ ପାଣିରୁ ଯାଇ ଛାତିକ ପାଣିରେ ହେଲା । ସୁନ୍ଦରୀ କାନ୍ଦୁଣୀ ବସିଲା—"ଛାତିକ ପାଣିରେ ହେଲିଣି ହେ ବାପା
ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି"

ବାପା କହିଲା—"ମୁଁ କ କରିବି ଝିଅଲୋ,···
ତୋ ମାଆ ତ କଳମ ଖାଇଛି ।"

ସୁନ୍ଦରୀ ଛାତିକ ପାଣିରୁ ପୁଣି ଯାଇ ବେକକ ପାଣିରେ ହେଲା । ପଦୁଅଁ ଫୁଲର ଲେଉ ତ ତାକୁ ଲାଗିଛି । ତଥାପି ମଧ୍ୟ ପଦୁଅଁର ଧରାଛୁଆଁ ନାହିଁ । ସେ ସେମିତି ଘୁଞ୍ଚି ଘୁଞ୍ଚି ଯାଉଛି । ତାପରେ ବେକକ ପାଣିରୁ ଯାଇ ପାଟିକ ପାଣିରେ ହେଲା ସୁନ୍ଦରୀ ।

—"ପାଟିକ ପାଣି କ ଗଲାହେ ବାପା,
ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି···"

Digitized by srujanika@gmail.com

ବାପା କହିଲା—"ମୁଁ କ କରିବ ଝିଅଲୋ—!
ତୋ' ମାଆ ତ କଳମ ଖାଇଛି ।"

ଘୃହୁଁ ଘୃହୁଁ ସୁନ୍ଦରୀର ମଥା ଘୁରିଗଲା । ସୁନ୍ଦରୀକ କୁମ୍ଭୀର ଟାଣି ନେଇ ଗଲା ସାତ ତାଳ ପାଣି ଭିତରକୁ ।

ସୁନ୍ଦରୀ ଏବେ କରେ କ'ଣ ? 'ବାପା' 'ବାପା' ବୋଲି ସେ ଚିତ୍କାର କରିଉଠିଲା । କୁମ୍ଭୀରର ଘୁଷ ମାସ । ସେ ହସୁ ହସୁ କହିଲା— ଚିତ୍କାର କର ନା ଝିଅ, ତୋ' ବାପା କ'ଣ ଆଉ ଅଛି ? ସେ ମୋ ହାତରେ ତୋତେ ସଅଁପି ଦେଇ କେତେବେଳୁ ଘରକୁ ଘୃଲିଗଲାଣି ।"

ସୁନ୍ଦରୀ ଭୟରେ ଥରୁଥିଲେ ବ ମନରେ ସାହସ ସଞ୍ଚୟ କରି ପଚାରିଲା—"ମୋ ବାପା, ତୁମ ହାତରେ କାହିଁକ ମତେ ସମର୍ପି ଦେଇଗଲା ?

କୁମ୍ଭୀର କହିଲା—"ତୁ ଯେତେବେଳେ ତୋ ମାଆ ପେଟରେ ଥିଲୁ, ସେତିକବେଳେ ତୋ' ମାଆ, କଳମ ଶାଗ ସାଦ ଖାଇବାକୁ ମନ କଲା । ଏଠାରୁ କଳମ ଶାଗ ନେଲାବେଳେ ତୋ' ବାପା ସହିତ ମୋର ସର୍ତ୍ତ ହୋଇଥିଲା—ପୁଅଟିଏ ହେଲେ ତା'ର । ଝିଅଟିଏ ହେଲେ ମୋର ।"

ଏଣିକ···ସୁନ୍ଦରୀ ଆଖିରୁ ଲୁହ ଗଡ଼େଇବା ବ୍ୟତୀତ ଆଉ କ'ଣ ବା ଉପାୟ ଥିଲା ?

●

Digitized by srujanika@gmail.com

ପର ଧନକୁ ଯିଏ ଲୋଭ କରେ

ଗୋଟିଏ ଗାଆଁରେ ହୃଣ୍ଡା ଲୋକଟିଏ ଥାଏ । ପରଘରେ କାମଧନ୍ଦା କରି ଚଳେ । କାମ ନମିଳିଲେ ମାଗିଯାଚି ଯାହା ପାଏ ସେଇଥିରେ ଚଳେ । ଥରକର ସେ ଅଞ୍ଚଳରେ ଅକାଳ ପଡ଼ିଲା । କାମଧନ୍ଦା ମିଳିଲାନି କି ଭିକ ମଧ ମିଳିଲାନି । ଏବେ ହୃଣ୍ଡାର ଭାଳେଣି ପଡ଼ିଲା, ଗେରସ୍ତ ଭାରିଯା ଦୁହେଁ ଖାଇବେ କ'ଣ ?

ତା' ଭାଳେଣି କି ଏଣେ ଭାର୍ଯ୍ୟାର ଭାଳେଣି । ସେ କହିଲା— "ଆମର କେହି ନଥିଲେ—ଭଗବାନ ଅଛନ୍ତି । ସେ ଯେମିତି ହେଲେ ଏ ଅକାଳ ମୁଖରୁ ଆମକୁ ବଞ୍ଚେଇ ରଖିବେ । ତୁମେ ଆଜି ଗୋଟିଏ କାମ କର । ମୁଁ ଫୁଲତୋଳା ଆଣି ହାରଟିଏ ଗୁନ୍ଥି ଦେଉଛି । ସେଇଆକୁ ନେଇ ତୁମେ ଯାଅ । ଦେଖିବ ଯୋଉଠି ପାଞ୍ଚଜଣ ବସି ଗପସପ କରୁଥିବେ, ତାଙ୍କ ଭିତରେ ଯିଏ ସବୁଠୁ ବୟସରେ ବଡ଼ ହୋଇଥିବେ ତାଙ୍କରି ବେକରେ ସେ ହାରଟି ପକାଇଦେବ । ସେ ଅବଶ୍ୟ ଧନୀଟିଏ ବା ଗାଆଁ ମୁଖିଆଟିଏ ହୋଇଥିବେ—ହୁଏତ ତାଙ୍କରି ଦୟାରୁ ଆମକୁ କିଛି ପଇସା କଉଡ଼ି ମିଳିଯାଇପାରେ !"

ହୃଣ୍ଡା ଏଥର ସ୍ତ୍ରୀ ହାତରୁ ହାରଟି ନେଇ ଚାଲିଲା । କେତେଆଡ଼େ ବୁଲିଲା । କିନ୍ତୁ କୋଉଠିହେଲେ ପାଞ୍ଚଜଣ ଏକାଠି ବସି ଗପସପ ହେବାର ସେ ଦେଖିଲାନି । ଭାରିଯା ଉପରେ ତା'ର ଭାରି ରାଗ ହେଲା । ସେ ଆଉ କୁଆଡ଼େ ନଯାଇ ସିଧା ଘରକୁ ଫେରିଲା ।

ସେତେବେଳକୁ ସଞ୍ଜ ହୋଇ ଆସିଲାଣି । ଫେରିବା ବାଟରେ ଦେଖିଲା ଗୋଟିଏ ଥାନେ ପାଞ୍ଚଟି ବିଲୁଆ ବସି ହୁକେ ହୁଆ ହୁଆ ହେଉଛନ୍ତି । ତା'ର ତ ସରଳ ପ୍ରକୃତି । ଭାବିଲା ମୋ ଭାରିଯା ଯୋଉ

Digitized by srujanika@gmail.com

ଯାଞ୍ଚଜଣକ କଥା କହୁଥିଲା ଇଏ ହେଲେ ସବୁ ସେଇ ପାଞ୍ଚଜଣ । ଏଇଆ ଭାବି ସେ ସେମାନଙ୍କ ପାଖକୁ ଗଲା । ସବୁଠୁଁ ବୁଢ଼ା ବିଲୁଆଟି ବେକରେ ହାରଟିକୁ ପକାଇଦେଲା ।

ଯୋଉକଥା କାନ ଡେରିଲା ହେଲୁ ଶୁଣାନାହିଁ, ସେଇ କଥା । ସ୍ଥିରବୁଦ୍ଧିକର ବିଲୁଆଟାକୁ ବା ମାନ୍ୟ କରିବ କିଏ ? ହୁଣ୍ଡାର ଇମିତି ମାନ୍ୟ କରିବା ଦେଖି ବିଲୁଆ ବୁଢ଼ା ଖୁବ୍ ଖୁସିହୋଇଗଲା । କହିଲା—ଭାଇ, ମତେ ଯେତେବେଳେ ତୁ ମାନ୍ୟ କରିଛୁ ତୋତେ ତ ପୁଣି ମୋର କିଛି ଗୋଟାଏ ଦେବାକଥା । କ'ଣ ଅଛି ଦେବି ? ତେବେ ମୋର ଗୋଟାଏ ବାଛୁରୀ ଅଛି—ତାକୁ ତୁ ନେଇ ଯା—ଖିଆଲ୍ ଯତ୍ନରେ ତାକୁ ପାଳିବୁ । ଅଳ୍ପଦିନରେ ସେଇ ତୋ'ର ଦୁଃଖ ନେବ । ହଁ, ଗୋଟିଏ କଥା ଭୁଲିଯିବୁନି, ସୁବିଧା ଅସୁବିଧାରେ ପଡ଼ିଲେ ମୋ' ପାଖକୁ ଆସିବୁ ।

ହୁଣ୍ଡା ଏଥର ବାଛୁରୀଟି ନେଇ ଘରକୁ ଆସିଲା । ଭାରିଯାକୁ ମୂଳରୁ ଚୂଳଯାଏ ସବୁକଥା କହିଲା । ତାଙ୍କର ତ ଘର ନାହିଁ, ବକଟେନା'କୁ କୁଡ଼ିଆ । ସେଇ କୁଡ଼ିଆରେ ତାଙ୍କରି ପାଖରେ ବାଛୁରୀଟି ଶୋଇଲା ।

ସକାଳୁ ହୁଣ୍ଡା ଏବଂ ତା'ର ଭାର୍ଯ୍ୟା ଉଭୟେ ଦେଖିଲେ—ବାଛୁରୀର ଗୋବରରେ ମୁଣ୍ଡା ମୁଣ୍ଡା ସୁନାସବୁ ଚକ୍‌ମିକ୍ କରୁଛି । ସେମିତି ତା' ମୂତ୍ରରେ ମଧ୍ୟ ରୁପାଖଣ୍ଡମାନ ଭାସୁଛି ।

ଏଥର ତାଙ୍କର ଖୁସି ଆଉ ଦେଖିବ କ'ଣ ? ସେଇଆକୁ ବିକି ଭାଙ୍ଗି ଅଳ୍ପଦିନେ ସେମାନେ ଧନୀ ହୋଇଗଲେ । ଭଲ ଖାଇ ଭଲ ପିନ୍ଧି ସୁଖରେ ରହିଲେ ।

ଦିନକୁ ଦିନ ଧନ ଏଣେ ତାଙ୍କର ବଢ଼ି ବଢ଼ି ଚାଲିଥାଏ । ଧନଗଦାରେ ବସି କ୍ରମେ ସେମାନେ ବାଛୁରୀ କଥା ଭୁଲିଗଲେ । ସେ ଝାଇଲା କି ନ ଖାଇଲା, ତା ବି ବୁଝିଲେ ନି । ବାଛୁରୀଟି ଦିନେ ଭୋକ ବାଉଳାରେ ପଘା ଛିଣ୍ଡେଇ କୁଆଡ଼େ ନାହିଁ କୁଆଡ଼େ ଚାଲିଗଲା ।

ସେ ଯିବା ପରେ ହୁଣ୍ଡାର ଚେତା ପଶିଲା । ଗେରସ୍ତ ଭାରିଯା ଦୁହେଁ ଚହୁଁ ତାକୁ ଖୋଜିବା ପାଇଁ ବାହାରିଲେ ।

Digitized by srujanika@gmail.com

ଏଣେ ବାଛୁରୀ ବଣକୁ ଯାଇ କଅଁଳ ଲତା ପତର ଖାଇଲା । ଶୋଷ ହେବାରୁ ଝରଣାକୁ ଯାଇଁ ପାଣି ପିଇଲା । ଏତକବେଳେ କ'ଣ ହୋଇଛି ନା—ସେଇ ଝରଣାରେ ଜଣେ ଗୋରୁଜଗୁଆଳ ତା'ର ବଳଦ ଦୁଇଟିକୁ ପାଣି ପିଆଉଥାଏ । ପାଣି ପିଆଇ ସାରି ଉଠିଆସୁଛି ଦେଖିଲା— ବାଛୁରୀର ଗୋବରରେ ଧୁନାମୁଣ୍ଡାଏ ପଡ଼ୁଛି । ତା' ଦେଖି ସେ ଖୁବ୍ ଆଶ୍ଚର୍ଯ୍ୟ ହେଲା । —"ଆରେ ଏ କ'ଣ ଯେ ? ଏ ତ ଏକ ଅଦ୍ଭୁତ ବାଛୁରୀ । କିଏ ଯା'ର ମାଲିକ ! ଆହା, କେଡ଼େ ଭାଗ୍ୟବାନ ସେ ।"



[ବିଲୁଆ ଚଣ୍ଡାଳୁ ବାଛୁରୀ ଦେଉଛି]

Digitized by srujanika@gmail.com

ଇମିତ ଭାବୁ ଭାବୁ ବାଛୁରଟି ପ୍ରତି ବେପାରୀ ମନରେ ଲୋଭ ବଳିଲା । ପଶିଲା ମୁଣ୍ଡରେ ଦୁର୍ବୁଦ୍ଧି । ବାଛୁରଟିକୁ ହାତ କରିବା ପାଇଁ ତାକୁ ସେ ବଳଦ ଦୁଇଟିଙ୍କ ସହିତ ଅଡ଼େଇ ଘରମୁହାଁ ଚାଲିଲା ।

ଆଡ଼୍ ଯାଉଛି ବେପାରୀ । ସିଆଡ଼୍ ବାଛୁରୀଟିକୁ ଖୋଜି ଖୋଜି ଆସୁଛି ହୁଣ୍ଡା ! ଦୁହିଁଙ୍କର ଭେଟ ପଡ଼ିଗଲା । ହୁଣ୍ଡା ପାଟି କରି-ଉଠିଲା—"ଆରେ, ଇଏତ ମୋ' ବାଛୁରୀ । ତାକୁ ତମେ ନେଉଛ କୁଆଡ଼େ ।

ବେପାରୀ ମନ ତ ! ସେ କ୍ଷଣିକ ମଧ୍ୟରେ ଲୋକଟାକୁ ହୁଣ୍ଡା ବୋଲି ଅନ୍ଦାଜ କରିନେଲା ! ଭ୍ରୂଲୁଡ଼ ପକାଇ କହିଲା—"ବଡ଼ ମୁସ୍କିଲ କଥା ତୁ କହୁଛୁ ! ଯୁ'ଙ୍କୁ ତ ଏଇନେ ସେ ଝରଣା କୂଳରେ ମୋ' ବଳଦ ଜନ୍ମ କଲା । ଇଏ ତୋ' ବାଛୁରୀ କେମିତି ହେଲା ?"

ସେ କଥା ଶୁଣି ହୁଣ୍ଡା ଅବାକ୍ ! —କ'ଣ ହେଲା, ବଳଦ ପୁଣି ବାଛୁରୀ ଜନ୍ମ କଲା ! ୯ଃ, ସେ ଠକାଠକି କଥା ରଖିଦେଇଥା । ମୁଁ କେତେ ଶ୍ରଦ୍ଧାରେ ସେ ବାଛୁରୀକି ପାଳିଛି । ମୋତେ ମୋ' ବାଛୁରୀ ଦେଇପକା, ତା'ପରେ—ଯାଃ ।"

ଏଣେ ବେପାରୀ ନଗ୍ଲେଉ଼ବନ୍ଧାକୁ ତେଣେ ହୁଣ୍ଡା ବି ନଗ୍ଲେଉ଼-ବନ୍ଧା । ଦୁହିଁଙ୍କ ମଧ୍ୟରେ ସେ ବାଛୁରୀ କୁ ନେଇ ଖୁବ୍ ଦମେ ଝଗଡ଼ା ଲାଗିଲା । ଶେଷକୁ ଦୁହେଁ ଅନ୍ୟ ଉପାୟ ନ ଦେଖି ବଗ୍ଲୁରପଣ୍ଡିତଙ୍କ ନିକଟକୁ ଗଲେ ।

ସବୁ ଶୁଣି ବଗ୍ଲୁରପଣ୍ଡିତ କହିଲେ—'ସାକ୍ଷୀ ବିନା ତ ମୁଁ ବିଚାର କରିପାରିବିନି । ତୁମେ ଯେଝା ଯେଝାର ସାକ୍ଷୀ ଧରି କାଲିକୁ ଆସ ।

ବଗ୍ଲୁରପଣ୍ଡିତଙ୍କ କଥା ଶୁଣି ବେପାରୀ ମନ ଖୁସ୍ । ସେ ତ ପଇସା-ବାଲା ଲୋକ । ପଇସା ଯୁଆଡ଼େ···ନ୍ୟାୟ ସିଆଡ଼େ । ହୁଣ୍ଡା ଅଣ୍ଟାରେ ବା କେତେ ଜୋର୍, ତା' ସଙ୍ଗେ ସେ ଚାଲି ଦେବ ? ପୁଅକୁ ଆଛା କରି ପାନେ ନ ଦେଲେ ପୁଅ ବୁଝିବନି ବଡ଼ଲୋକଙ୍କ ସହିତ ବାଦ କଲେ ଫଳ କ'ଣ ହୁଏ ?

ଏମିତି ଭାବି, ସେଇ ରାତାରାତ୍ ଲାଞ୍ଚ ଘୁଷ୍ ଦେଇ ବେପାରୀଟି ତା' ସପକ୍ଷରେ କହିବା ଲାଗି ଭଲ କୁହାଳିଆ ସାକ୍ଷୀ କେତେଜଣ ଯୋଗାଡ଼

Digitized by srujanika@gmail.com

କିଣିନେଲା । କେବଳ ସେତିକି ନୁହେଁ ବିଚାରପତିଙ୍କ ମନଟାକୁ ବି ସେଇ ପଇସା ବଳରେ କିଣିନେଲା ।

ହୁଣ୍ଡାକୁ ତ ବଳୁଆ ସେ ବାଛୁରୀଟିକୁ ଦେଇଥିଲା । ଏବେ ହୁଣ୍ଡା ଯାଇ—ସେଇ ବଳୁଆକୁ ଭେଟି ସବୁ କଥା କହିଲା । ସବୁ ଶୁଣି ବଳୁଆ କହିଲା··"ହଉ ତୁ ଯା ! ମୁଁ କାଲି ଟିକେ ଡେରିରେ କଚେରି ପହଞ୍ଚିବି ।"

ତା'ପର ଦିନ ବିଚାରପତି ବିଚାର କଲେ । ବେପାରୀର ବଳଦ ସେ ବାଛୁରୀଟିକୁ ଜନ୍ମ କରିଛି ବୋଲି ସାକ୍ଷୀ ପ୍ରମାଣ ସବୁ ମିଳିଲା । ବିଚାରପତି ରାୟ ଦେବା ପୂର୍ବରୁ ହୁଣ୍ଡାକୁ ପଚାରିଲେ—"ଏବେ ତୁ କହ, କିଏ ତତେ ଏ ବାଛୁରୀ ଦେଇଥିଲା ! କୁଆଡ଼େ ଗଲା ତୋ ସେ ସାକ୍ଷୀ ?"

ହୁଣ୍ଡା କହିଲା—"ମତେ ଏ ବାଛୁରୀ, ଗୋଟାଏ ବଳୁଆ ଦେଇଥିଲା । କାହିଁକି ଏତେବେଳଯାଏ ସେ ଆସିନି—ମୁଁ କହି ପାରିବିନି ।"

ତା' କଥା ଶୁଣି ବିଚାରପତି କହିଲେ—"ଏଇଟା ଅସମ୍ଭବ ! ବଳୁଆ ବାଛୁରୀ କୋଉଠୁ ପାଇବ, ତୋତେ ଦେବ ! ଏଥିରୁ ଯାହା ଜଣାପଡ଼ୁଛି ତୁ ଗୋଟାଏ ଡାହା ମିଛୁଆ । ପ୍ରକୃତରେ ବେପାରୀର ବଳଦ ସେ ବାଛୁରୀକି ଜନ୍ମ କରିଛି । ବାଛୁରୀଟି ବେପାରୀର । ତୁ ମିଛ କହିଛୁ, ଦଣ୍ଡ ପାଇବା ଲାଗି ପ୍ରସ୍ତୁତ ହୁଅ ।"

ଏତିକିବେଳେ ବଳୁଆଟା କାହିଁ ଥିଲା—ଦେହରେ ଥୋଡ଼ାଏ ଅଙ୍ଗାର ପାଉଁଶ ଏବଂ କାଦୁଅ ବୋଳିହୋଇ ସେଠାରେ ଆସି ପହଞ୍ଚିଲା ।

ବିଚାରପତି ତା' ଡେରିର କାରଣ ପଚାରିବାରୁ ସେ କହିଲା··· "କ'ଣ କରିବି ଧର୍ମାବତାର ! ଏଇ ପାଖ ନଈଟାରେ ନିଆଁ ଲାଗିଯିବାରୁ ମାଛଗୁଡ଼ାକ ଛଟପଟ ହେଉଥିଲେ । ମତେ ଦେଖି ସେମାନେ ନିଆଁ ଲିଭେଇ ଦେବାକୁ ନେହୁରା ହେଲେ । ତାଙ୍କ କଥା ଆଉ ଭାଙ୍ଗିଦେଇ ପାରିଲି ନି । ସେଇ ନିଆଁ ଲିଭେଇ ଆସୁ ଆସୁ ଟିକଏ ଡେରି ହୋଇଗଲା ।

Digitized by srujanika@gmail.com

ମୋ କଥାକୁ ଯଦି ମିଛ ବୁଝୁଛ, ଦେଖୁନା ମୋ ଦେହ ସାରା କମିତି ପାଉଁଶ କାଦୁଅ ଲଗିଛି ।"

ତା' କଥା ଶୁଣି ବସ୍ତୁରପଣ୍ଡ ପାଖରୁ ଆରମ୍ଭକରି ସାକ୍ଷୀଙ୍କ ପର୍ଯ୍ୟନ୍ତ ସମସ୍ତେ ଠୋ ଠୋ ତାଳି ମାରି ହସିଉଠିଲେ । କହିଲେ—"ହଇରେ ବାହାପିଆ ! ତୁ ଆମକୁ ହୁଣ୍ଡା ଦେଖିଲୁ କି ? ନଈ ପାଣିରେ କେବେ କେଉଁଠି ନିଆଁ ଲାଗେ ?"

ବଲୁଆ କହିଲା—"ବଳଦ ଯଦି ବାଛୁରୀ ଜନ୍ମ କରିପାରେ, ତେବେ ନଈରେ ନିଆଁ ଲାଗିବ ନାହିଁ କାହିଁକି ? ଛି ଛି, ବସ୍ତୁରପଣ୍ଡ ହୋଇଛ, ସାକ୍ଷୀ ହୋଇଛ, ତୁମ ମୁହଁକୁ ଟିକେ ଲାଜ ନାହିଁ ? ଲୋକଟାକୁ ହୁଣ୍ଡା ପାଇ ତୁମେ ଏଇ ବିଚାର କରୁଛ ?" ଜାଣ ପରଧନକୁ ଯିଏ ଲୋଭ କରେ · ତା' ମୁହଁରେ ମୁଁ ପରିସ୍ରା କରେ । ଆଉ ଲାଞ୍ଚ ନେଇ ଯିଏ ବିଚାର କରେ···ତା' ମୁହଁରେ ମୁଁ ଝାଡ଼ା ଫେରେ ।"

ଗୁରଛୁକର ବଲୁଆଟାର ଏତେ ବଡ଼ ସାହାସ ଦେଖି ବସ୍ତୁରପଣ୍ଡ ଖୁବ୍ ରାଗିଗଲେ । ଅପମାନ ଏବଂ ରାଗରେ ସେ ଖାଲି ଦାନ୍ତ କଡ଼ମଡ଼ କରୁଥାନ୍ତି ।

ତା' ଦେଖି ବଲୁଆ କହିଲା—"ବୁଝିଲ ବସ୍ତୁରପଣ୍ଡ ! ତୁମର ରାଗ ତୁମଠେଇଁ ରଖ ! ଏ ହୁଣ୍ଡା ହାଉଡ଼ା ମଣିଷଙ୍କୁ ତୁମେ ବିନା ବିନା ଦୋଷରେ ଯୋଉ ଦଣ୍ଡ ଇଚ୍ଛା ସେ ଦଣ୍ଡ ଦେଇ ପାରିବ···, ହେଲେ ମୋର ତୁମେ କ'ଣ କରିବ ? କର ତ ତୁମେ ମୋର କ'ଣ କରୁଛ ମୁଁ ଦେଖେ ! ରୁହ ରୁହ, ବେଳ ଆସୁଛି···ତୁମ ଲାଞ୍ଚୁଆ ଖଚୁଆ, କୁଟୁରୁପାଞ୍ଚୁଆ ଲୋକଙ୍କର ବିଚାର ଦିନେ ଏଇ ହୁଣ୍ଡା ହାଉଡ଼ାମାନେ କରିବେ । ସେତେବେଳେ କେହି ତୁମର ପିଠିରେ ପଡ଼ିବାକୁ ନ ଥିବେ ।"

ତା'ର ସେ କଥା ଶୁଣି ସମସ୍ତେ ଜଳଜଳ କରି ତା' ମୁହଁକୁ ଅନେଇଛନ୍ତି—ଏଇ ସମୟରେ ବଲୁଆ ହୁଣ୍ଡାକୁ କହିଲା—"ଆରେ ଭାଇ,

Digitized by srujanika@gmail.com

ତୁ ଆଉ ଠିଆହୋଇ ରହିଲୁ, କାହିଁକି । ତୋ ବାଛୁରୀ ନେଇ ତୁ ଘରକୁ ଯା' । ମୁଁ ବି ଯାଉଛି ମୋ ବାଟରେ ।" ଏହା କହି ସେ ବଣ ଭିତରକୁ ଡିଆଁଟାଏ ମାରିଦେଲା ।

ହୁଣ୍ଡା ବାଛୁରୀ ନେଇ ତା' ଘରକୁ ଗଲା ।

●

ଟିପ୍ପଣୀ :

ଆଜିକାଲି କଳିଯୁଗ । ଦିନକୁ ଦିନ ନୈତିକ ମୂଲ୍ୟବୋଧ ଯେମିତି ହ୍ରାସ ପାଇବାରେ ଲାଗିଛି—ସେମିତି ସାମାଜିକ ଧନ ଜୀବନ ଲୋଲୁପତାର କବଳିତ ହେବାରେ ଲାଗିଛି । ପରର ରକ୍ତକୁ ଯିଏ ଆଜି ଯେତେ ଶୋଷି ଆଣୁଛି···ଲୋକେ ତାକୁ ସେତେ ପୂଜା କରୁଛନ୍ତି । ଲାଞ୍ଚ, ଘୁଷ୍, ପ୍ରୀତ୍ୟାପ୍ରୀତି ତୋଷଣ ଏ ଆଜି ନିତିଦିନିଆ ଘଟଣା ହେଲାଣି । ଟଙ୍କା ଏବଂ କ୍ଷମତା ବଳରେ ଜଣେ ଅତି ସହଜରେ ଧଳାକୁ କଳା ଏବଂ କଳାକୁ ଧଳା କରିଦେଇ ପାରୁଛି । ଉପରୋକ୍ତ ଗଳ୍ପରେ ସେହି ଚିତ୍ର ହିଁ ଦେଖିବାକୁ ମିଳେ ।

Digitized by srujanika@gmail.com

ବୁଢ଼ାବୁଢ଼ୀଙ୍କ ଚକୁଳି କାଳି

ନଈଟିଏ । ନଈକୂଳ ଲଗି ଗାଆଁଟିଏ । ଗାଆଁର ମଝାମଝି ଛୋଟ କୁଡ଼ିଆ ଖଣ୍ଡେ । ସେଇ କୁଡ଼ିଆରେ ରହନ୍ତି ଯୋଡ଼ିଏ ବୁଢ଼ାବୁଢ଼ୀ । ତାଙ୍କର ଆଗକୁ ପଛକୁ କେହି ନ ଥାନ୍ତି । ଗାଁ ଗଣ୍ଡାରୁ ଯାହା ମାଗିଯାଚି ଆଣନ୍ତି—ସେଇଥିକୁ ଦୁହେଁଯାକ ବାଣ୍ଟିକୁଣ୍ଟି ଖାଆନ୍ତି । ତାଙ୍କର ହାବଭାବ ଦେଖି ଗାଆଁ ଲୋକେ ତାଙ୍କୁ ସୁଖ ପାଆନ୍ତି ।

ଥରକର ବୁଢ଼ା କହିଲା—ବୁଢ଼ୀଲୋ, ମୋର ଭାରି ଚକୁଳି ଖାଇବାକୁ ମନ ହେଉଛି ।

ବୁଢ଼ୀ କହିଲା—"ବୁଢ଼ାରେ, ଆମ ଘରେ ତ ଚାଉଳ, ବିରି କିଛି ନାହିଁ । କେଉଁଠୁ ପାଇବା ଚକୁଳି ?"

ତହୁଁ ବୁଢ଼ା ଗାଁକୁ ଯାଇଁ ଚାଉଳ, ବିରି ମାଗିଆଣିଲା ।

ବୁଢ଼ୀ ତାକୁ ପାଣିରେ ବତୁରେଇ ଶିଳରେ ବାଟିଲା । ଚୁଲି ଲଗେଇଲା । ଏଥର ବୁଢ଼ାବୁଢ଼ୀ ଦୁହେଁଯାକ ଚୁଲି ପାଖରେ ବସିଗଲେ ଚକାଆସନ ପକେଇ ।

'ଆଣ' ତ କମ୍ । ସେତକରେ ଯିମିତି ହେଉ ବୁଢ଼ୀ ତିନି ଫଡ଼ ଚକୁଳି କରି ଥୋଇଲା ।

ଏଥର ବୁଢ଼ା କହିଲା—"ବୁଢ଼ୀଲୋ, ମୁଁ ଏତେ କଷ୍ଟରେ ଚାଉଳ ବିରି ମାଗିଆଣିଛି । ମତେ ତୁ ଦୁଇଟି ଚକୁଳି ଦେ । ତୋ ପାଇଁ ଗୋଟିଏ ରଖ ।"

Digitized by srujanika@gmail.com

ଚକୁଳି ଦେଖି ବୁଢ଼ୀର ଏଣେ ଲୋଭ ବଳିଲାଣି । ସେ କହିଲା—"କି, ମୁଁ ବାଟିଛି । ଘଷିଛି । ଜାଳ ଆଣିଛି । ଚୂଲି ଲଗେଇଛି । ମୁଁ କ'ଣ ଆଉ କଷ୍ଟ କରିନି କି ?"

[ଚକୁଳି ଖାଇବା ପାଇଁ ବୁଢ଼ାବୁଢ଼ୀଙ୍କ ମଧ୍ୟରେ କଳି]

"କଷ୍ଟକୁ ଦେଖିଲେ ତ...ମୁଁ ଦୁଇଟି ଖାଇବା କଥା ।"

ବୁଢ଼ା, ବୁଢ଼ୀ କଥାକୁ କାହିଁକି ବା ପାସଙ୍ଗରେ ପକେଇବ ? ଯିମିତି ହେଲେ ଦୁଇଟି ଚକୁଳି ଖାଇବା ଲାଗି ସେ ତା' ଜିଦରେ ଅଟଳ ରହିଲା ।

Digitized by srujanika@gmail.com

ବୁଢ଼ୀ ଶୁଣନ୍ତା କଆଁ ? ସେ ବି କାନରେ ଗଣ୍ଠି ପକେଇ ବସିଲା ଦୁଇଟି ଖାଇବା ଲାଗି ।

ଦେଖୁ ଦେଖୁ, ସେଇ ଚକୁଳି ତିନି ଖଣ୍ଡକ ନେଇ ତାଙ୍କ ଭିତରେ କଳି ଝଗଡ଼ା ଲାଗିଲା । ଏକାଥରେ ଗୋଳୁ ମଳିଁଣି ଲଢ଼େଇ । ଜଣେ ରାଗିଯାଇ କହୁଥାଏ—"ମୁଁ ଖାଇବି ଦୁଇ, ତୁ ଖାଇବୁ ଏକ । ସେ ଜଣେ ରାଗିଯାଇ କହୁଥାଏ, ମୁଁ ଖାଇବି ଦୁଇ, ତୁ ଖାଇବୁ ଏକ ।"

ଏତିକବେଳକୁ ଚୂଡ଼ାଦହି ଖାଇ ସେଇବାଟେ ପୁରୋହିତ ଗୋସେଇଁ ଯାଉଥିଲେ । ଦିନେ ନାହିଁ କାଳେ ନାହିଁ—ହଠାତ୍ ସେଦିନ ବୁଢ଼ାବୁଢ଼ୀଙ୍କ ଭିତରେ ଏମିତି କଳିଝଗଡ଼ା ଶୁଣି ସେ ଆସି ପହଞ୍ଚିଲେ । ପଚାରିଲେ—"କି, କଥା କ'ଣ ?"

ଦୁହେଁ ତହୁଁ ପୁରୋହିତଙ୍କୁ ମଧ୍ୟସ୍ଥି ମାନି, କଳିର କାରଣ କ'ଣ କହିଲେ । ସବୁ ଶୁଣି ପୁରୋହିତ କହିଲେ—"ଠିକ୍ ଅଛି । ପିଠା ତ ଖାଇବ ? ସେଥିପାଇଁ ଗୋଟାଏ କଜିଆ କ'ଣ ? ତୁମେ ଦୁହେଁ ଗୋଟିଏ କାମକର । ଏବଠାରୁ ଯିଏ ଆଗ କଥା କହିବ, ସେ ଖାଇବ ଗୋଟିଏ, ଆଉ ଯିଏ ପଛେ କହିବ ସେ ଖାଇବ ଦୁଇଟି ।

କଳି ଝଗଡ଼ା ନହେବା ଲାଗି ବଢ଼ିଆ ଉପାୟଟାଏ । ପୁରୋହିତଙ୍କ କଥା ବୁଢ଼ାବୁଢ଼ୀଙ୍କ ମନକୁ ବେଶ୍ ପାଇଲା । ସେଇ ମୁହୂର୍ତ୍ତଠୁ କଳିଝଗଡ଼ା ବନ୍ଦ କରି ଦୁହେଁ ତହୁଁ କବାଟ କିଳି ଚୁପ୍‌ଚାପ୍ ଶୋଇପଡ଼ିଲେ ।

ସଞ୍ଜ ଯାଇ ରାତି ହେଲା । ରାତି ପାହି ପୁଣି ସକାଳ ହେଲା । ତଥାପି କାହାରି ସୋର୍ ଶବଦ ନଥାଏ । ସାଇ ପଡ଼ିଶା ଯିଏ ଯିମିତି ବୁଢ଼ାବୁଢ଼ୀଙ୍କର କଳି ଝଗଡ଼ା ଶୁଣିଥିଲେ—ତାଙ୍କ ମନରେ ସନ୍ଦେହ ହେଲା । ଝଗଡ଼ା କରୁ କରୁ ବୁଢ଼ାବୁଢ଼ୀ କ'ଣ ଆଉ କରି ବସିଲେ କି ?

ଭିତରୁ ତ ବୁଢ଼ାବୁଢ଼ୀ କବାଟ କିଳିଦେଇଥାନ୍ତି । ସାଇ ପଡ଼ିଶା ଯେତେ ଡାକିଲେ ତାଙ୍କ କଥା ଶୁଣୁଛି କିଏ ନା ଜବାବ ଦେଉଛି କିଏ ? କାରଣ ତାଙ୍କ ଭିତରେ ତ କଥା ଛିଡ଼ିଛି—ଯିଏ ଆଗ କଥା କହିବ, ସେ ଖାଇବ ଗୋଟିଏ ଚକୁଳି ।

Digitized by srujanika@gmail.com

ଏତେ ଡାକ ଡାକ ଯେତେବେଳେ ନଶୁଣିଲେ—ସାଇପଡ଼ିଶା ଭାବିଲେ କାଲି ରାତିରେ ହେବ ପରା ବୁଢ଼ାବୁଢ଼ୀଙ୍କର କାଳ ହୋଇଯାଇଛି । ଇମିତି ମନରେ ଭାବି ସେମାନେ ତାଙ୍କ କବାଟ ଭାଙ୍ଗି ଘରେ ପଶିଲେ ।

ସବୁ ଜାଣିଶୁଣି ମଧ୍ୟ ବୁଢ଼ାବୁଢ଼ୀ ପାଟି ଫିଟଉନଥାନ୍ତି । ବୁଢ଼ା-ବୁଢ଼ୀଙ୍କର ମରିବା କଥାଟା ଲୋକଙ୍କର ଆଉ ବୁଝିବା ଲାଗି ବାକି ରହିଲା ନାହିଁ ।

ସନ୍ଧ୍ୟାକେ ତ ବାସି ମଡ଼ା ହେଲେଣି—କେତେବେଳ ବା ଆଉ ପକେଇ ରଖିବେ ? ଶେଷରେ ସେମାନଙ୍କ ମଧ୍ୟରୁ ବନ୍ଧୁବାନ୍ଧବ ମିଶି ତିନିଜଣ ବୁଢ଼ାବୁଢ଼ୀଙ୍କୁ କୋକେଇରେ ବାନ୍ଧି ମଶାଣିକୁ ନେବାକୁ ବାହାରିଲେ । ତଥାପି ମଧ୍ୟ ବୁଢ଼ାବୁଢ଼ୀ ଦୁହେଁ ପାଟି ଫିଟେଇଲେ ନାହିଁ ।

ମଶାଣିରେ ପହଞ୍ଚି ସେମାନେ ସଙ୍ଗାଡ଼ି ଲଦି ବୁଢ଼ାବୁଢ଼ୀଙ୍କୁ ତା' ଉପରେ ଶୁଆଇଦେଲେ । ତା'ପରେ ନିଆଁ ଲଗାଇଲେ । ଗୁହୁଁ ଗୁହୁଁ ଚିତା ହୁ ହୁ ହୋଇ ଜଳିବାକୁ ଲାଗିଲା । ସେ ଲୋକ ତିନିଜଣ ଚିତା ପାଖରେ ଠିଆହୋଇଥାଆନ୍ତି ।

ଏତେବେଳଯାଏ ପିନ୍ଧା ବୁଢ଼ୀକାଗୁଳେଇଙ୍କ ପରି ବୁଢ଼ାବୁଢ଼ୀ ଦୁହେଁଯାକ ଚୁପ୍‌ଚାପ୍ ରହି ସବୁ ଜାଣୁଥିଲେ···ପାଟି ଫିଟଉନଥିଲେ । ଏବେ ଦେହରେ ଯେତେବେଳେ ନିଆଁ ଲାଗିଲା ସେମାନେ ଏକ ସଙ୍ଗରେ ପାଟି କରିଉଠିଲେ—"ମୁଁ ଖାଇବି ଦୁଇ ତୁ ଖାଇବୁ ଏକ ।"

ଏତକ କହି ସେ ଦୁହେଁ ଚିତା ଉପରୁ ସେ ଲୋକ ତିନିଜଣଙ୍କ ପାଖକୁ ଡେଇଁପଡ଼ିଲେ ।

ମଲା ମଣିଷର ଏ କାଣ୍ଡ ଦେଖି ଲୋକ ତିନିଜଣ ଭାବିଲେ—ଏ ବୁଢ଼ାବୁଢ଼ୀଙ୍କ ଭୂତ ନିଶ୍ଚୟ । ଏଠାରେ ତ ଆମେ ତିନିଜଣ ଅଛୁ । ବୁଢ଼ାବୁଢ଼ୀ ବୋଧହୁଏ ଆମ ତିନିଜଣଙ୍କୁ ଭାଗ ବଣ୍ଟା କରି ଖାଇବା କଥା କହୁଛନ୍ତି । ଇମିତି ଭାବି, ସେ ତିନିଜଣ ଜୀବନ ନେଇ କୁଆଡ଼େ ଯିବେ ବାଟ ପାଇଲେନି । ସେମାନେ ଦୌଡ଼ିଥାନ୍ତି ଆଗେ ଆଗେ, ବୁଢ଼ାବୁଢ଼ୀ ଦୌଡ଼ିଥାନ୍ତି ପଛେ ପଛେ । ତାଙ୍କ ତୁଣ୍ଡରେ ସେଇ ଗୋଟିଏ କଥା—"ମୁଁ ଖାଇବି ଦୁଇ, ତୁ ଖାଇବୁ ଏକ ।"

Digitized by srujanika@gmail.com

ଏଥର ବୁଢ଼ାବୁଢ଼ୀ ଯାଇଁ ଘରେ ପହଞ୍ଚିଲେ । ଯୋଉ ଚକୁଳି ଲାଗି ସାତଖଣ୍ଡ ଗ୍ରାମାୟଣ ଗଲାଣି, ଘରେ ପହଞ୍ଚିଲା ବେଳକୁ ଆଉ କ'ଣ ସେ ଚକୁଳି ଅଛି ? ତାକୁ ଗୋଟାଏ ଭୁଆ ବାଲେଣ୍ଡ ଟେକିଲେଇ ଦେଇ ଚଢ଼ି ଯାଉଛି ସଙ୍ଗାକୁ ।

ସେକଥା ଦେଖି ବୁଢ଼ାବୁଢ଼ୀ ଦୁହେଁ ମୁଣ୍ଡରେ ହାତ ଦେଇ ବସି-ପଡ଼ିଲେ ।

ସେଇ ଦିନଠୁଁ ଆଉ କେବେ ତାଙ୍କ ଭିତରେ କଳିଝଗଡ଼ା ଲାଗିଥିବାର ଶୁଣିନ ।

Digitized by srujanika@gmail.com

ଅଳସୁଆଙ୍କ କଳି

ଗୋଟିଏ ବେଳକରେ ଚଞାଏ ଅଳସୁଆ ଥିଲେ । ଅଳସୁଆଙ୍କର ତ କିଛି ଧନ୍ଦା ନଥାଏ । ଖାଲି ବସି ଶୋଇ ଖାଇବାଟା ସାର । ସେଥିରେ ପୁଣି କ'ଣ ସେଗୁଡ଼ାଙ୍କର କମି ମୁହଁ ଟାଣ ? ସ୍ତା' ତା' ନାଆଁରେ ଚୁଗୁଲି କରି ବାହାର କଳି ଆଣି ଘରେ ପୂରେଇବେ ! ଏଥିରେ ତାଙ୍କୁ କିଏ ସୁଖ ପାଇବ ?

ଦିନକର ତାଙ୍କ ଭିତରେ ଗୋଟିଏ ସଭା ହେଲା । ସବୁଠୁଁ ଯିଏ ବେଶି ଅଳସୁଆ ସେ କହିଲା—"ଘରେ ଅଛୁ ବୋଲି ସିନା ଦିନଗତି ବାଡ଼ୁଣୀ (ଗୁଣ୍ଡୁଣୀ)କ ପୁରୁଷତ୍ ମିଳୁନି କି ଆମ ପିଠିକି ପୁରୁଷତ୍ ମିଳୁନି । ଦର ଗୁଡ଼ କୁଆଡ଼େ ଗୃଳିଗଲେ କ'ଣ ସେଠୁ ଖସିଯିବ ? ଆମେ କରୁନୁ ବୋଲି ସିନା, ନହେଲେ କୋଉ କାମ ଆମକୁ ଆସେନି ? ଗୃଲହେ··· କୋଉଠି ପଡ଼ିଛେ ମାଗଣାରେ ଖଟି ପେଟ ପାଳିବା, ଏ ଘରେ ଆଉ ରହିବାନି ।"

ବଡ଼ ଅଳସୁଆ କଥାରେ ସାନ ଅଳସୁଆପାଙ୍କ ମାତିଗଲେ । ସମସ୍ତେ ତହିଁ ଧାଡ଼ି ବାନ୍ଧି ଦାଣ୍ଡେ ଦାଣ୍ଡେ ଗୃଳିକଲେ । ସେମାନେ ଗୃଳିଥାନ୍ତି ଏଣେ ଡାକ ଛାଡ଼ୁଥାନ୍ତି—"କିଏ ମାଗଣାରେ ଭୃତିଆର ରଖିବ ହୋ···"

ଗୋଟିଏ ଗାଆଁରେ ଗଉଁତିଆ (ମହାଜନ)ଟିଏ ଥାଏ । ଧନ ବଳରେ ଗାଆଁ ସାରା ଲୋକଙ୍କୁ ସେ ନିଜ ଅଧୀନରେ ରଖିଥାଏ ଏବଂ ସବୁଲୋକଙ୍କ ଉପରେ ହାକିମାତି ଦେଖଉଥାଏ । ହାତରୁ କଉଡ଼ିଟାଏ ଖର୍ଚ୍ଚ ନକରି ଅନ୍ୟକୁ କାମରେ ଖଟେଇବା କାଇଦାଟା ତାକୁ ବେଶ୍ ରକମ୍ ଜଣା ! ପାଟି ଶୁଣି ସେ ତା'ର (ଭୃତିଆର) ମୂଲିଆମାନଙ୍କୁ କହିଲା—"ଶୁଣରେ ଶୁଣ ! ତୁମେଗୁଡ଼ାକ କଡ଼ାକ ଜାଗାରେ ଦ'କଡ଼ା ନେଇ ବି କାମରେ ଠକୁଛ । କିନ୍ତୁ ଏ ଦୁନିଆରେ ଇମିତି ଲୋକ ଅଛନ୍ତି ଯିଏକି ମାଗଣାରେ ଖଟିବା ଲାଗି ତିଆର ! ଯାଃ, ନିକଲ୍ ମୋ' ଘରୁ ।

Digitized by srujanika@gmail.com

ତୁମ ଭଳିଆ ଶୋଡ ମୂଳିଆ ମୋର ଆଉ ଦରକାର ନାହିଁ । ଏହା କହି ସେ ତା'ର ମୂଳିଆମାନଙ୍କୁ ବିଦାକରିଦେଇ ଅଳସୁଆ ପଞ୍ଚାଟାକୁ ଗୁଆ ସୁପାରି ଦେଇ ବରଣ କରିନେଲା ଘରକୁ ।

ଗେଣ୍ଟେଇ କରି ପଚାରିଲା—"ତୁମେ କୋଉ କାମ କରିପାରିବ ?"

ଅଳସୁଆମାନେ ଏକ ସ୍ୱରରେ କହିଲେ—"ସବୁ କାମ ଆଜ୍ଞା ।"

"ଆଚ୍ଛା ତୁମକୁ ହଳ କରିଆସିବ ?"

ଅଳସୁଆମାନେ କହିଲେ—"ସେ କାମଟି ଛାଡ଼ ବାକି ସବୁକାମ ଆସିବ ।"

"ଆଚ୍ଛା, ତୁମକୁ ଘଳ (ଚଳି) ଖେଳି ଆସିବ ?"

"ଆଜ୍ଞା, ସେଇ ଗୋଟିକ କାମକୁ ଛାଡ଼ ବାକି ସବୁ କାମ ଆସିବ ।"

"ଆଚ୍ଛା, ତୁମକୁ ପାଣି ବୋହି ଆସିବ ?"

ଅଳସୁଆମାନଙ୍କର ସେଇ ଗୋଟିଏ ଉତ୍ତର—"ଆଜ୍ଞା, ସେଇ କାମଟା ଛାଡ଼ ବାକି ସବୁ ଆସିବ ।"

ଏଥିରେ ଗଉଁଡିଆ ରାଗିଗଲା । ମୁହଁମୋଡ଼ି କହିଲା—"ସବୁ କାମ ଆସିବ ପରା କହୁଛ, ଆଜି ଦିନଟା ମୁଁ ତୁମକୁ ଦେଖେ ! ଯା' ଘାସ କାଟିକରି ଆଣ ।"

ତହୁଁ ଅଳସୁଆ ପଞ୍ଚାଟିଯାକ ଦା' ଟେକେଇ ଧରି ଘାସ କାଟିବାକୁ ଗଲେ ।

ଗୋଟାଏ ହୁଡ଼ାରେ ଭଲ ଘାସ ବଢ଼ିଥାଏ । ସେ୍ମାନଙ୍କୁ ତ ଘାସ କଟା ଜଣାନାହିଁ—ସେଇ ହୁଡ଼ାଟାକୁ ଦା'ରେ କାଟିଲେ ଆଣିବା ପାଇଁ ! କୌଣସି ପ୍ରକାରେ ମାଟିରୁ ପୁଳାଏ, ଘାସରୁ ପୁଳାଏ ଲେଖେଁ ଆଣି ଘରେ ପହଞ୍ଚିଲେ ।

ଗୌନ୍ତିଆ ଯୋଉ ଗୁହାଳରେ ତାଙ୍କୁ ଘାସ ଜମା କରିବାକୁ କହିଥିଲା—ସେଠି ଯାଇଁ ଦେଖିଲାବେଳକୁ ଘରେ କ'ଣ କଳ ଲାଗିଛି ଯେ —ଗୌନ୍ତିଆ ମା' ରୁଷିକରି ବସିଛି । ଏମାନେ କହିଲେ—"ହେଃ, ତୁ ସେଠି ବସିଛୁ, ଆମେ ଘାସ କୋଉଠି କୁଢ଼େଇବୁ ?"

Digitized by srujanika@gmail.com

ବୁଢ଼ୀ ତ ରଗିଥିଲା । ଖିଙ୍କାରି ଉଠି କହିଲା, "କୋଉଠି ଆଉ କୁଢ଼େଇବ ? ମୋ' ମୁଣ୍ଡରେ କୁଢ଼ା ।"

ଅଳସୁଆଙ୍କର ତ ବୁଦ୍ଧି କମ୍ । ବୁଢ଼ୀ ପାଟିରୁ କଥା ପରିବାଯାଏ ନାହିଁ, ସେ ମାଟି ଘାସ ଯାହା ଆଣିଥିଲେ ବୁଢ଼ୀ ମୁଣ୍ଡରେ ଜମା କରିଦେଲେ ।

ଏତେଗୁଡ଼ାଏ ଘାସ, ମାଟି ବୁଢ଼ୀ ମୁଣ୍ଡରେ ଜମାକଲେ—ସେଥିରେ ବୁଢ଼ୀ କ ଆଉ ବଞ୍ଚିବ ? ସେ ସିଧା ସ୍ୱର୍ଗକୁ ଟିକେଟ କାଟିଲା ।

ଗୌନ୍ତିଆ କାନକୁ ଯେତେବେଳେ କଥାଟା ଗଲା, ସେ କହିଲା—"ହଇରେ, ତୁମେଗୁଡ଼ାକ ଏଡ଼େ ପଶୁ ? ତୁମର ଟିକେ ବୁଦ୍ଧି ଅକଲ ନାହିଁ । ମାଆଟାକୁ ମୋର ମାରିଦେଲ ? ହଉ, ଯାହା ତ କଲଣି, କଲଣି—ନେଇ ଯା ତାକୁ ମଶାଣିରେ ପୋତିଦେଇ ଆସିବ ।"

ପଞ୍ଚାଟିଯାକ ଏଥର ବୁଢ଼ୀକ କୋକେଇରେ ବାନ୍ଧି, ହରିବୋଲ ପକେଇ ମଶାଣିକି ଚାଲିଲେ । ଗଲାବେଳେ ବାଟରେ ବୁଢ଼ୀ କେଉଁଠି ଗଳାପଡ଼ିଛି, ତାଙ୍କୁ ମାଲୁମ ନାହିଁ । ଗାତ ଖୋଳାସାରି ଖୋଜିଲାବେଳକୁ ବୁଢ଼ୀ ଉଭାନ୍ । ଏତିକବେଳେ ଟିକଏ ଦୂରରେ ସେମାନେ ଦେଖିଲେ—ଗୋଟିଏ ବୁଢ଼ୀ ସୁନୁସୁନିଆ ଶାଗ ବସି ତୋଳୁଛି ।

ବଡ଼ ଅଳସୁଆ ପାଟି କରି କହିଲା—"ହଇରେ ଦେଖ, ସେ ବଦମାସ ବୁଢ଼ୀ, କେତେବେଳେ କୋକେଇ ଉପରୁ ଖସି ଯାଇଁ ସେଠି ବସି ଶାଗ ତୋଳିଲଣି । ଯାଅରେ ଯାଅ, ଆଉ ଡେରି କରନା, ପୁଣି କୁଆଡ଼େ ପଳେଇପିବ ସେ ବୁଢ଼ୀ । ଗାତ ତ ଖୋଳା ସରିଛି, ତାକୁ ଶୀଘ୍ର ଆଣି ଏଥିରେ ସମାଧି ଦେଇଦିଅ ।"

ସେ ଶାଗ ତୋଳୁଥିବା ବୁଢ଼ୀଟି ଯେତେ ମନା କଲେ ବି ସିଏ ସେ ଗୌନ୍ତିଆ ମା' ନୁହେଁ—ତା' କଥା ଶୁଣୁଛି କିଏ ? ତାକୁ ଆଣି ଶେଷକୁ ସେମାନେ ଗାତରେ ପକାଇ ମାଟି ଚଢ଼େଇଦେଲେ ।

ଘରକୁ ଫେରୁଥାନ୍ତି । କିଛି ଦୂର ଆସି ଦେଖିଲାବେଳକୁ ବାଟରେ ପଡ଼ିଛି ଗୌନ୍ତିଆ ମା' ।

Digitized by srujanika@gmail.com

ଏଥର ଅଳସୁଆମାନଙ୍କର ରାଗ ଦେଖିବ କ'ଣ ? ରାଗରେ ଗାଉଁ ଗାଉଁ ହୋଇ କହିଲେ—"ହଇଲୋ ବୁଢ଼ୀ ! ତୁ ତ ବଡ଼ ଚାଲାଖ ଅଛୁ ଦେଖୁଛୁ । ତୋତେ ଏଇନେ ଆମେ ସମାଧି ଦେଇ ଆସିଲୁ, ତୁ ପୁଣି ଆସି ଏଠି ଉଠିଲୁଣି ? ଅଲକ୍ଷଣୀ କୋଉଠିକାର···"



[ଅଳସୁଆମାନେ ମଶାଣିକୁ ନେଲାବେଳେ ବୁଢ଼ୀ କୋକେଇରୁ ଗଳିପଡ଼ୁଛି]

ଏଥର ପୁଣି ସେ ବୁଢ଼ୀକୁ ନେଇ ଆଉ ଗୋଟିଏ ଗାତ ଖୋଳି ପୋତିଲେ ।

ଯେତେବେଳେ ଗୌନ୍ତିଆ, ତାଙ୍କଠୁ' ଏସବୁ କଥା ଶୁଣିଛି···ସେ କହିଲା—କ'ଣ କରିଛ ? ତୁମେ ଆଉ ଗୋଟାଏ ଶାଗ ତୋଳୁଥିବା

Digitized by srujanika@gmail.com

ବୁଢ଼ୀକୁ ପୋଛଦେଇ ଆସିଛ ? ତୁମ ଭଳିଆ ଭୂତିଆର ମୋର ଆଉ ଦରକାର ନାହିଁ । ମୁଁ ଯେତିକ ଗଙ୍ଗା ଗଲି ସେତିକ ଫଳ ପାଇଲି । କିଛି ଡାଲି ଚାଉଳ ଧର, ଭାଗ୍ ମୋ ଘରୁ । ମୁଁ ଆଉ ତୁମର ମୁହଁ ସୁଦ୍ଧା ଦେଖିବାକୁ ଚାହେଁନା ।"

ଅଳସୁଆ ଟଆିଟି ଏବେ କରନ୍ତୁ କ'ଣ ? ସେ ଡାଲି ଚାଉଳତକ ଆଣି ବାଟରେ ଗୋଟିଏ ଠାରେ ବେଢେଇବାସ କଲେ । ରନ୍ଧାରନ୍ଧି ସରିଲା । ଏଥର ଭାରିଲେଣି ପଡ଼ିଲା ପତର ତ ନାହିଁ, ଖାଇବେ କୋଉଥିରେ ?

ଇଏ ତାକୁ କହିଲା—"ତୁ ଯା' ପତର କାଟି ଆଣିବୁ ।"

ସେ ତାକୁ କହିଲା—"ମତେ କ'ଣ ଶସ୍ତା ପାଇଲୁ କି ? ତୁ ଯାଉନୁ ଆଣିବୁ ।"

ଇମିତି ସମସ୍ତେ ପରସ୍ପର ମଧ୍ୟରେ ଥେଣ୍ଟାଥେଣ୍ଟି ଲଗାଇଲେ । ଭୋକରେ ଏଣେ କରଡ଼ ଜଳୁଥିଲେ ବି କେହି ଆଉ ପତର କାଟିବାକୁ ଯାଉନଥାନ୍ତି ।

ଶେଷକୁ ବଡ଼ ଅଳସୁଆ କହିଲା—ବନ୍ଧୁଗଣ ! ଆମ ଭିତରେ ଏତେ ଝଗଡ଼ାଝାଟିର ଆଉ ଦରକାର ନାହିଁ । ଗୋଟିଏ ସର୍ତ୍ତ ରହିଲା, ଯିଏ ଆମ ଭିତରେ ଆଗ ପାଟି ଖୋଲିବ, ସିଏ ଯିବ ପତର କାଟି । ଏତିକ କହି, ବଡ଼ ଅଳସୁଆ ମଝିରେ ବସିପଡ଼ିଲା । ତା' ଚାରିପାଖ, ଆଣ୍ଠୁ ସନ୍ଧିରେ ମୁଣ୍ଡ ରଖି ଆଉ ସବୁ ଅଳସୁଆ ବସିଗଲେ । କେହି କେହି ତାଙ୍କ ଭିତରୁ ବସୁ ବସୁ ଢୋଳେଇବାରେ ଲାଗିଲେ । ଯେମିତି ରାଧାଗୋବିନ୍ଦ ଝୁଲଣ ଦୋଳିରେ ବସି ଏପାଖ ସେପାଖ ଢୁଅନ୍ତି ଠିକ୍ ସେମିତି ।

ଏତିକବେଳେ ରଜାପୁଅ ତା' ଦଳବଳ ନେଇ ସେଇବାଟେ ପାରିଧିରୁ ଫେରୁଥିଲା । ତାକୁ ବି ପ୍ରବଳ ଭୋକ କରୁଥାଏ । ବାଟ ମଝିରେ ସେ ଦେଖିଲା ଅଦ୍ଭୁତ କାଣ୍ଡ । ଭାତ ଡାଲି ରନ୍ଧାହୋଇ ଥୁଆହୋଇଛି ଅଥଚ କେହି ଖାଇନାହାନ୍ତି । ସେ ପଚାରିଲା—"ଆରେ ଭାଇ, ରନ୍ଧାବଢ଼ା କରି ବସିଛ, ଖାଉନା କାହିଁକି ? କଥା କ'ଣ ?"

Digitized by srujanika@gmail.com

ଯିଏ ପାଟି ଖୋଲିବ ଯିଏ ଯିବ ମଚର କାଟି । କିଏ ଦେଉଛି ରଜାପୁଅ ପ୍ରଶ୍ନର ଉତ୍ତର ? ଯେଝା ମୁଖେ ଯେଝା ରହିଲେ ।

ତାଙ୍କର ବାଗ ଦେଖି ରଜାପୁଅ କହିଲା—"ଠିକ୍ ଅଛି, ତୁମେ ବସି ଜଳଜଳ କର ଗୁହିଁଥା, ଆମେ ଖାଉଛୁ ।" ଏହା କହି ପାଖରୁ ପଚର କେତେଖଣ୍ଡ କାଟିଆଣି, ସେ ତା' ଦଳବଳ ନେଇ ବସିପଡ଼ିଲା । ଘଡ଼କ ଭିତରେ ଘାଚ ଡାଲି ସବୁ ଶେଷ ।

ତଥାପି ମଧ୍ଯ ଅଳସୁଆମାନେ ପାଟି ଫିଟାଉ ନଥା'ନ୍ତି । ରଜାପୁଅ ମନରେ ଭାବିଲା—ନିଶ୍ଚୟ ଏଥିମଧ୍ଯରେ କିଛି କଥା ଅଛି । ଚୂଲିରେ ଗୋଟାଏ ବଡ଼ ନିଆଁ ଝୁଣ୍ଟା ପଡ଼ିଥିଲା । ସେଇଆକୁ ଆଣି ସେ ସମସ୍ତଙ୍କଠେଇଁ ଗୋଟାଏ ଲେଖେଁ ଚେଙ୍କା ଚଢ଼ାଇଗଲା ! ତଥାପି ମଧ୍ଯ ପଚର କାଟିଯିବା ଭୟରେ କେହି ପାଟି ଫିଟାଉନଥା'ନ୍ତି । ଯେତେବେଳେ ସମସ୍ତେ ଚେଙ୍କା ଚଢ଼ାଇ ପୁଣି ସମସ୍ତଙ୍କ ପାଇଁ ପ୍ରଥମ ଲୋକଟା ପିଠିରେ ନିଆଁ ଝୁଣ୍ଟା ମାଡ଼-ଦେଇଛି, ସେ ଚଲେଇ ଉଠିଲା—"ସମସ୍ତଙ୍କୁ କାହିଁକି ଚେଙ୍କେ ଚେଙ୍କେ, ମତେ କାହିଁକି ଦୁ' ଚେଙ୍କେ !"

ତା' ପାଟି ଶୁଣି ଅନ୍ୟମାନେ କହିଲେ—"ସେଇଟା ଗୋଟେ ଅଳସୁଆଟେ, ଏଇନେ ପଚର କାଟିବାକୁ ଯାଉଥିଲା । ଚଢ଼ା, ଠାପୁଆକୁ ଆଉ ଚେଙ୍କାଏ ଚଢ଼ା..."

ଦୁଇ ଚେଙ୍କା ଖାଇଥିବା ଅଳସୁଆ କହିଲା—"ହଜୁର, ମୁଁ ଏକା ନୁହେଁ, ଏମାନେ ସମସ୍ତେ ବ ମୋ'ର ଭଳି ଅଳସୁଆ ।"

ରଜାପୁଅ କହିଲା—"କ'ଣ ତୁମେ ପାଞ୍ଚିଯାକ ତା'ହେଲେ ଅଳସୁଆ ? ଅଳସୁଆମାନେ ଦେଶର ଶତ୍ରୁ । ରୁହ ଆଜ, ତୁମ କାହାରିକୁ ମୁଁ ଛାଡ଼ୁନ !" ଏହା କହି ସେ ସେଉଠୁ ଗଡ଼େଇ ପଡ଼େଇ ସମସ୍ତଙ୍କୁ ମନଇଚ୍ଛା ଚେଙ୍କା ଚଢ଼େଇଲା । ତା'ପରେ ଘୋଡ଼ାରେ ଚଢ଼ି ତା' ବାଟରେ ଗଲା !

ଦେହ ମୁଣ୍ଡରେ ବେଦନା ପାଇ ଅଳସୁଆମାନଙ୍କୁ ବଡ଼ ଅପମାନ ଲାଗିଲା । ବଡ଼ ଅଳସୁଆ କହିଲା—ଦେଖ ହୋ, ଆମ ଅଳସ ପଣରୁ ରାନ୍ଧିଲା ଘାଚଗଣ୍ଡାକ ମଧ୍ଯ ଆମେ ଖାଇ ପାରିଲେନି, ସେଥିରେ ପୁଣି ତଥାଁ ।

Digitized by srujanika@gmail.com

କଥାରେ ଅଛୁ ପରା···"ଆପଣା ହସ୍ତେ ଜଗ୍ଧା ଛେଦ···କେ' ତା'ର ଅଛୁ ପ୍ରତିବାଦୀ ।' ଯା' ହେବାର ହୋଇଗଲା···ଆଜଠୁଁ ଆମେ ଅଳସୁଆ ପଣ ଛାଡ଼ ଭଲ ମଣିଷ ହେବା ।

ସମସ୍ତେ ତହୁଁ କୁକୁର ଲଙ୍ଗୁଡ଼ ଛୁଇଁ ଭଲ ମଣିଷ ହେବାକୁ ଶପଥ କରି ଘରକୁ ଫେରିଲେ ।

●

ଟିପ୍ପଣୀ :

ଏହି ପ୍ରକାର ଅନେକ ଗଳ୍ପ ଏକା ପଶ୍ଚିମ ଓଡ଼ିଶା କାହିଁକି ପୂର୍ବ ଓଡ଼ିଶାରେ ମଧ୍ୟ ଶୁଣାଯାଏ । ଅଞ୍ଚଳ ଭେଦରେ ଶିଳ୍ପଗୁଡ଼ିକ ଭିନ୍ନ ଭିନ୍ନ ହେଲେହେଁ ମୂଳ ଲକ୍ଷ୍ୟ କିନ୍ତୁ ଏକ । ପଶ୍ଚିମ ଓଡ଼ିଶାର ଆଉ ଗୋଟିଏ ଗଳ୍ପରେ ଅଛୁ—ରଜା, କାଠଗଦା କରି ତା' ଉପରେ ଅଳସୁଆମାନଙ୍କୁ ଛାଡ଼ିଦେଲେ । ତକ୍ତୁ ନିଆଁ ଲଗାଇଦେଲେ । ତଥାପି ମଧ୍ୟ ଅଳସୁଆମାନେ ତଳକୁ ଆସୁନଥାନ୍ତି । ସେମାନେ କହୁଥାନ୍ତି—"ହଁ ମ, ନିଆଁ ଅଣ୍ଡାଯାକେ ଜଳି ଜଳି ଆଗେ ଆସୁ , ତା'ପରେ ଯିବା···" ଏମିତି ସବୁ ଅନେକ ମଜା କଥା ଅଛୁ ।

Digitized by srujanika@gmail.com

ଯୋଗୀ ଆସିଲେ କେଉଁଠୁ

କାହିଁ କେତେକାଳର କଥା । ସମରସୁର ବୋଲି ଗୋଟାଏ ଅସୁର ଥାଏ । ଦେଖିବାକୁ ଠିକ୍ ତାଳଗଛ ପରିକା ଉଚା । ଦାନ୍ତଗୁଡ଼ାକ ହାତୀଦାନ୍ତ ପରିକା ଖୁବ୍ ବଡ଼ ବଡ଼ ! ଆଖିଦୁଇଟାକ ଯେମିତି ଶଗଡ଼ ଚକ । କାନଗୁଡ଼ାକ କୁଲା ପରି । ତା' ପ୍ରତାପରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁର ଥରହର ହେଉଥାଏ । ଦିନକୁ ଦିନ ତା'ର ଅତ୍ୟାଚାର ବଢ଼ୁଥାଏ ପଛକେ କମୁନଥାଏ । ଦେବତାମାନେ ସହି ସହି ଆଉ ସହିପାରିଲେନି । ଶେଷକୁ ସମସ୍ତେ ମିଳିଯାଇ ଦେବଦେବ ମହାଦେବଙ୍କ ଶରଣ ପଶିଲେ ।

ମହାଦେବ ତ ଭୋଳାନାଥ । ସୈନ୍ୟ ନାହିଁ କି ସାମନ୍ତ ନାହିଁ—ସେ ଦେବତାମାନଙ୍କ ବିକଳ ଦେଖି ସଙ୍ଗେ ସଙ୍ଗେ ତାଙ୍କୁ କଥା ଦେଇ-ଦେଲେ—“ତୁମେମାନେ ଯାଅ । ମୁଁ ଏଥିମଧ୍ୟରେ ଯେମିତି ହେଲେ ସମରସୁରକୁ ବଧକରି ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରକୁ ତା' କବଳରୁ ରକ୍ଷାକରିବି ।”

ଦେବତାମାନେ ଚାଲିଗଲେ ।

ଏଥର ପଡ଼ିଲା ଭୋଳାନାଥଙ୍କ ଭାରିଲେଣି । ଏକା ଏକା କେମିତି ସେ ସମରସୁରକୁ ମାରିବେ···, ସେ କଥା ଭାବି ଭାବି ରାତିରେ ତାଙ୍କୁ ଆଉ ନିଦ ହେଲାନି ।

ପାର୍ବତୀଙ୍କ କାନରେ ଯେତେବେଳେ ଏକଥା ପଡ଼ିଲା—ସେ କହିଲେ “ମ, ଏଇ କଥାକୁ ଏତେ ଚିନ୍ତା ? କାଲି ମୁଁ ତୁମକୁ ପଣେ ଶହେ ସୈନ୍ୟ ଦେବି । ତୁମେ ଯୁଦ୍ଧକୁ ସଜ ହୁଅ ।”

ଏହା କହି ପାର୍ବତୀ ମନରୁ ପଣେ ଶହେ ସୈନ୍ୟ ତିଆରି କଲେ । ସେମାନଙ୍କୁ ସାଙ୍ଗରେ ନେଇ ମହାଦେବ ବାହାରିଲେ ଯୁଦ୍ଧକୁ । ଇରେ ବାପରେ, ସେ ଯୋଉ ଘମାଘୋଟ ଯୁଦ୍ଧ । ଯେମିତି ଯୁଦ୍ଧ କେବେ କାଳେ ବି

Digitized by srujanika@gmail.com

ଦେଖାଶୁଣା ନଥିଲା । ସନ୍ତକୁ ସନ୍ତ ସେ ଯୁଦ୍ଧରେ ସମସ୍ତସୁର ମଲେ । ଦେବମାନବ ସମସ୍ତଙ୍କର କାଳକାଳକୁ ଚିନ୍ତା ଗଲା ।

ଏଣେ କିନ୍ତୁ ଗୋଟିଏ ସମସ୍ୟା ସୃଷ୍ଟି ହେଲା । ଲଢ଼ିବାକୁ ତ ଆଉ ଯୁଦ୍ଧ ନାହିଁ—ଏତେଗୁଡ଼ାଏ ସୈନ୍ୟସାମନ୍ତଙ୍କୁ ପୁଣି ମହାଦେବ ଧନ ଗତ ପୋଷିବେ କେମିତି ? ସିଏ ତ ନଂଗ ଯୋଗୀ । କେଉଁଠୁ କ'ଣ ଆଣି ସେମାନଙ୍କୁ ଖାଇବାକୁ ଦେବେ ! ସେଇଠୁ, ସେ ଯାଇଁ ପାର୍ବତୀଙ୍କୁ କହିଲେ—"ତୁମେ ତ ଏମାନଙ୍କୁ ଜନ୍ମ ଦେଇଥିଲ...ନିଅ ସମ୍ଭାଳ । ମୁଁ ଚାଲିଲି କୈଳାସକୁ ।"

ପାର୍ବତୀ ତହୁଁ ସେ ସମସ୍ତଙ୍କୁ ଡକାଇଲେ । କହିଲେ—"ବାବୁରେ ! ତୁମେ ସମସ୍ତେ ଏବେ ମର୍ତ୍ତ୍ୟପୁରକୁ ଯାଅ, ଶିବଙ୍କର ନାମ ଗାଇ ତାଙ୍କର ମହିମା ପ୍ରଚାର କର । ତା' ଦ୍ୱାରା ତୁମର କିଛି ଅଭାବ ରହିବ ନାହିଁ । ଯା' ଦୁଆରକୁ ଯିବ...ଲୋକେ ତୁମକୁ ଆଦର କରିବେ । ପାଖରେ ବସାଇ ଗୀତ ଶୁଣିବେ । ତୁମକୁ ଚାଉଳ, ପଇସା, ବଡ଼ି, ଡାଲି, ଗୁଡ଼ ସବୁ ଦେବେ । ଖାଇ ପିଇ ସୁଖରେ ରହିବ ।"

ପାର୍ବତୀଙ୍କଠାରୁ ସେ କଥା ଶୁଣି ସମସ୍ତେ ଏକ ସ୍ୱରରେ କହିଲେ—"ମା', ତୁମର କଥା ମାନି ଅବଶ୍ୟ ଆମେ ମର୍ତ୍ତ୍ୟକୁ ଯିବୁ । ଦୁଆର ଦୁଆର ବୁଲି ଗୀତ ଗାଇବୁ । ତେବେ ଗୀତସାଙ୍ଗକୁ ତ ପୁଣି ବାଦ୍ୟ ଦରକାର ! ଆମେ କ'ଣ ବଜାଇ ଗୀତ ଗାଇବୁ ? ପୁଣି ଲୋକମାନେ ଖୁସି ପାଇ ଭିକ ଦେଲେ କେଉଁଥିରେ ତାକୁ ଆଣିବୁ ?

ପାର୍ବତୀଙ୍କ ମନକୁ କଥାଟି ପାଇଲା । ଆରେ ସତେ ତ !! ସେ ସେଇଠୁ ସରସ୍ୱତୀଙ୍କଠାରୁ ତାଙ୍କର ବୀଣାଟି ମାଗି ଆଣି ସେମାନଙ୍କୁ ଦେଖାଇଲେ । କହିଲେ—"ନିଅ, ଏଇଆକୁ ଦେଖି ତୁମେ ସମସ୍ତେ ଗୋଟିଏ ଲେଖାଏଁ କେନ୍ଦରା ତିଆରି କର । ସେଇଆକୁ ବଜେଇବ ଯେ—ଲୋକମାନେ ଶୁଣିବାକୁ ଖୁଉବ୍ ଖୁସି ପାଇବେ । ଏଥର ବାକି ରହିଲା 'ଥାଳି' । ତେବେ ଗୋଟାଏ ଢ'ଟା ଥାଳି ହୋଇଥିଲେ...ମୁଁ ତୁମକୁ

Digitized by srujanika@gmail.com

ଶିବଙ୍କର ଭଙ୍ଗାଭୁଟା ଯା’ ଅଛୁ ଦେଇଦେଇଥାନ୍ତି । ତୁମେ ତ କେଜାଣି କେତେ ଲୋକ ହେଲଣି । କୋଉଠୁ ଏବେ ତୁମଲାଗି ମୁଁ ଏତେ ଥାଳ ଆଣିବି ? ହଉ ଏଥିଲାଗି ଗୋଟିଏ ଉପାୟ କରିବା ।” ଏହା କହି ପାର୍ବତୀ ନଜର ଗୋଟିଏ ଦାନ୍ତ ଉପାଡ଼ି ଫିଙ୍ଗିଦେଲେ । ଦେଖୁ ଦେଖୁ ସେଥିରୁ ଗୋଟିଏ ଗଛ ଉଠିଲା । ସେ ଗଛ ଠିଆ ନହୋଇ ଲଟେଇଲା ! ଗଣ୍ଠି ଗୋଟିକେ ଫଳ ଗୋଟିଏ । ସେ ଫଳ ନାଁ ‘ଲାଉ’ ।

ପାର୍ବତୀ ସେଇ ଲାଉରୁ ଗୋଟିଏ ଲେଖାଁ ସମସ୍ତଙ୍କ ହାତରେ ଧରେଇ ଦେଇ ଥାଳ କେମିତି ହେବ ବତେଇଦେଲେ ।

ତହୁଁ ସେ ଲୋକମାନେ ସ୍ୱର୍ଗରୁ ଆସି ମର୍ତ୍ତ୍ୟରେ ପହଞ୍ଚିଲେ ସେତେବେଳକୁ ମର୍ତ୍ତ୍ୟରେ ଏଣେ କ’ଣ ହୋଇଛି ନା—ଲୋକେ ସାତ ଦିନକୁ ଥରେ ଖାଉଛନ୍ତି । ଯୋଉଠି ଲୋକେ ସାତଦିନରେ ଥରେ ଖାଆନ୍ତି—ସେଠି ତାଙ୍କ ଥାଳରେ ଭିକ ଦେବ କିଏ ? ଏତେ ଅଭାବରେ କେହି କ’ଣ ଭିକ ଦିଏ ?

ଦିନାକେତେ ଭୋକ ଉପାସରେ ବୁଲିବୁଲି···ସେ ଲୋକମାନେ ପୁଣି ସ୍ୱର୍ଗକୁ ଫେରିଗଲେ । ଶିବ ପାର୍ବତୀଙ୍କୁ ଭେଟି ସବୁକଥା ଜଣାଇଲେ । ସେ କଥା ଶୁଣି ଶିବ ପାର୍ବତୀ ପୁଣି ଭାବନାରେ ପଡ଼ିଲେ ! ପାଖରେ ଧୋବ ଗାଈ ଶୋଇଥିଲା, ସେ କହିଲା—“ ପ୍ରଭୁ ! ଗୋଟିଏ କଥା କରନ୍ତୁ—ଲୋକମାନେ ସାତ ଦିନରେ ଥରେ ନଖାଇ ଦିନକୁ ଅନ୍ତ କମ୍‌ରେ ତିନି ଥର କି ଚାରି ଥର ଯିମିତି ଖାଇପାରିବେ ସେ ଉପାୟ ଆଗ କରନ୍ତୁ । ତା’ପରେ ସବୁ ଠିକ୍ ହୋଇଯିବ ।”

ଶିବ ପାର୍ବତୀ ଚିନ୍ତା କରି କହିଲେ—“ତା’ ହୁଅନ୍ତା ଯେ—ଯଦି ତୋର ପୁଅମାନେ ବଳଦ ହୋଇ ତାଙ୍କର ହଳ କରିଦିଅନ୍ତେ ।”

ସେ କଥାରେ ଧୋବଣୀ ଗାଈ ରାଜିହେଲା । ସେଇ ଦିନଠୁଁ ଲୋକମାନେ ଚାଷବାସ କରି ବେଶ୍ କମେଇଲେ । ସାତଦିନକୁ ଥରେ ଜାଗାରେ ଦିନକୁ ତିନି ଥର ଖାଇଲେ । ଯୋଗୀମାନଙ୍କୁ ଆଉ ଭିକର ଅଭାବ ରହିଲାନି !

Digitized by srujanika@gmail.com

ଓଡ଼ିଶାର ଗାଆଁ ଗଣ୍ଡାରେ କେନ୍ଦରାଟିଏ ଲେଉଁ ଧରି ଯୋଉ ଯୋଗୀମାନେ ଦେଖାଯାଆନ୍ତି—ସେମାନେ ହେଉଛନ୍ତି ସେଇ ଯୋଗୀ ।

[ଯୋଗୀ—ହାତରେ କେନ୍ଦରା ଏବଂ କାନ୍ଧରେ ନଉଥାଳ]

ସେମାନେ ହାତରେ ଯୋଉ ଥାଳ ଧରିଥାନ୍ତି—ତାକୁ କହନ୍ତି 'ଶିବଥାଳ' । ଶିବ ତ ଯୋଗୀ—ତାଙ୍କର ଇମିତି ମହିମା ପ୍ରଚାର କରି ସେମାନେ ମଧ୍ୟ ଯୋଗୀ ।

●

Digitized by srujanika@gmail.com

ଟିପ୍‌ପଣୀ :

ଏସବୁ ଗଳ୍ପ ମୂଲ୍ୟହୀନ, ସେଥିରେ କିଛି ନାହିଁ ବୋଲି କହି ଅନେକ ଏହାକୁ ହସରେ ଉଡ଼େଇଦେଇ ପାରନ୍ତି । କିନ୍ତୁ ପ୍ରକୃତ ଅର୍ଥରେ ଦେଖିଲେ ଏହାର ଯାହା ଅଛି—ତାହା ସମଗ୍ର ବିଶ୍ୱ ସାହିତ୍ୟରେ ମଧ୍ୟ ବିରଳ । କେବଳ ଯୋଗୀ ନୁହେଁ, ସମାଜର ଇମିତ ଅବହେଳିତ, ପତିତ, ନିମ୍ନସ୍ଥ ପାଟକ ଜାତି ବା ଜନତାକୁ ନେଇ ଏହିଭଳି ଅନେକ ଗଳ୍ପ ଶୁଣାଯାଏ । ଅନ୍ୟମାନେ ସେମାନଙ୍କୁ ହେୟ ଦୃଷ୍ଟିରେ ଦେଖୁଥିଲାବେଳେ ଓଡ଼ିଶାର ଲୋକକଥା ସେମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ଗୌରବ ଦାନ କରିବା ସଙ୍ଗେ ସଙ୍ଗେ ସେଭଳି ଅବହେଳିତ ଲୋକଙ୍କ ପ୍ରତି ସର୍ବଦା ଉଦାର ଚିତ୍ତ ଏବଂ ସମ୍ବେଦନଶୀଳ ହୋଇ ଆସିଛି । ସମସ୍ତେ ଭଗବାନଙ୍କ ସନ୍ତାନସନ୍ତତି । କେହି ଶ୍ରେଷ୍ଠ ନୁହେଁ କି କେହି ବଡ଼ ନୁହେଁ, ଏହି କଥାକୁ ଦୃଷ୍ଟିରେ ରଖି ସେ ଏମାନଙ୍କୁ ଭଗବନ୍ତଙ୍କ ଅଂଶରେ ଜନ୍ମ ବୋଲି ଅବହିତ କରି ଉଚ୍ଚ ଆସନ ଦେଇଛି ।

Digitized by srujanika@gmail.com

ଧୋବା ହସ୍ ହସ୍ କରେ କାହିଁକି ?

ରାଇଜଟିଏ ଥାଏ । ସେଇ ରାଇଜରେ ଥରକର ରଙ୍କିଣୀ (ବୁଢ଼ୀ ଡାଆଣୀ) ଟିଏ ମାତିଲା । ଯାହାକୁ ପାଖରେ ପାଏ ତାକୁ ମାରି ଖାଏ । ତା' ପାଖରେ ଦୟା-ମାୟା ନଥାଏ ।

ଲୋକେ ଦେଖିଲେ—ଏମିତି ଯଦି ରଙ୍କିଣୀ ସମସ୍ତଙ୍କୁ ଖାଇଯାଏ—ତାହାହେଲେ ରାଇଜସାରା ଲୋକ ତ ସଫା ହୋଇଯିବେ । ସେମାନେ ସମସ୍ତେ ତହୁଁ ରଙ୍କିଣୀ ପାଖରେ ପହଞ୍ଚି ତାକୁ କହିଲେ—"ତୁ ଇମିତି ଆମକୁ ଖାଆନା ! ଗୋଟିଏ ଥାନରେ ବସ । ଆମେ ସମସ୍ତେ ପ୍ରତିଦିନ ତୋ' ପାଖକୁ ପାଳି କରି ଜଣ ଜଣ ହୋଇ ଆସିବୁ । ତୁ ଆମକୁ ଖାଇବୁ ।"

ଇମିତି ମଉକା କାହାକୁ ମିଳେ ? ରଙ୍କିଣୀ ସେଥିରେ ଖୁସିହେଲା । ଏଇଟା ତା' ଲାଗି ସୁବିଧା କଥା । ସେଇଦିନଠୁଁ ରଙ୍କିଣୀ ଗୋଟିଏ ଥାନରେ ଥାଏ । ମଣିଷମାନେ ପାଳିକରି ତା' ପାଖକୁ ଆସନ୍ତି । ରଙ୍କିଣୀ ତାକୁ ତିଙ୍କିରେ କୁଟି ଖାଏ ।

ସେ ରାଇଜରେ ଗୋଟିଏ ବିଧବାବୁଢ଼ୀ ଥାଏ । ତାହାର ଗୋଟିଏ ବୋଲି ପୁଅ । ଏକୋଇରବଳା ବଂଶିକେଶନ । ଦିନେ ତାଆରି ପାଳି ପଡ଼ିଲା । ଗୋଟିଏ ବୋଲି ପୁଅକୁ ରଙ୍କିଣୀ ମୁହଁରେ ଦେଇ କୋଉ ମା' ଜୀବନ ଧରି ରହିବ ? ବିଧବାଟି ବିଚରା ବହୁତ କାନ୍ଦିଲା । ସେ ପିଲାଟି କିନ୍ତୁ ବଡ଼ ସାହସୀ ଏବଂ ଟାଣୁଆ । ମାଆର କାନ୍ଦ ଦେଖି ସେ କହିଲା—"ମା ଶହେଟା ରଙ୍କିଣୀ କ ମୁଣ୍ଡାପରି ମୁଁ ଖେଳେଇ ପାରେ ! ତୁ' କାନ୍ଦୁଛୁ କାହିଁକି ? ଅସଲ ହେଲା 'ବୁଦ୍ଧି' । ପଇସାଟିକର ବୁଦ୍ଧି ପାଖରେ ଟଙ୍କାଟିକର ବଳ କିଛି ନୁହେଁ । ତୁ ଘରେ ଥା' । ମୁଁ କାଲି ଯିମିତି

Digitized by srujanika@gmail.com

ହେଲେ ସେ ଋକ୍ମିଣୀକୁ ଘଇଜରୁ ବଦାକର ଆସିବ ।" ଏତକ ମା'
ବୁଢ଼ୀକ କହ ସେ ବଗୁଲିଆ ଟୋକା ଗୋଟିଏ ମୁଣରେ କଣ୍ଟୁ ସତପତକା
ବୃଟଭଜା, ଆଉ ଗୋଟିକରେ...କଣ୍ଟୁ ଲୁହାର ବୃଟ ଭରିଲା । ତା'ପର
ଦନକୁ ମୁଣ୍ଡରେ ଗୋଟିଏ ଟୋପି ଲଗେଇ, ଅଣ୍ଟାରେ ଗୋଟିଏ
ତରଓ୍ୱାଲ ଝୁଲେଇ ଯାଇ ଋକ୍ମିଣୀ ପାଖରେ ପହଞ୍ଚିଲା ।

ସେତେବେଳକୁ ଋକ୍ମିଣୀର ଖାଇବା ବେଳ ଉତ୍ତର ହେଲଣି ।
ବଗୁଲିଆ ଟୋକାକୁ ଦେଖି ଦେଖି ରାଗରେ ସେ ଦାନ୍ତ କଡ଼ମଡ଼ କଲା ।
ଏତିକବେଳେ ସେ ଟୋକା ତା' ପାଖକୁ ଲୁହାର ବୃଟଥିବା ମୁଣିଟା
ପକାଇଦେଇ କହିଲା—"ମତେ ଖାଇବୁ ତ ଖାଇବୁ ! ସେଥିଲାଗି ଏତେ-
ବ୍ୟସ୍ତ କଆଁ ? ସମସ୍ତଙ୍କ ହାଡ଼ଠାରୁ ମୋ' ହାଡ଼ ଟିକିଏ ଟାଣ । ତୋ'
ଦାନ୍ତକୁ ସେଥିପାଇଁ କଷ୍ଟ ହୋଇପାରେ । ତା' ଆଗରୁ ତୁ ଏ ବୃଟଭଜା-
ତକ ଚୋବାଇ ଦେ ଯେ—ଦାନ୍ତଗୁଡ଼ିକ ତୋର ବେଶ୍ ଧାରୁଆ
ହୋଇଯିବ..., ମତେ ତେଣିକ କାଡ଼ୁମାଡ଼ୁ କରି ଚୋବେଇ ଖାଇବାରେ
ତୋର କଣ୍ଟୁ ଅସୁବିଧା ହେବନ ।"

ଋକ୍ମିଣୀ ଭାବିଲା, ଭଲକଥା । ସେ ଚେଣେ ମୁଣିରୁ ବାହାରକର
ତା' ବୃଟଭଜା ଚୋବାଇଲା, ତାକୁ ଦେଖେଇ ଦେଖେଇ ଏ ଟୋକା ଏଣେ
ତା' ବୃଟଭଜା ଚୋବାଇଲା । ଅଳ୍ପ ସମୟ ମଧ୍ୟରେ ସେ ଲୁହାର ବୃଟ
ଚୋବାଇବା ଫଳରେ ଋକ୍ମିଣୀର ଦାନ୍ତ ସବୁ ଭାଙ୍ଗିଗଲା । ମାତ୍ର ଟୋକାଟା
ବତିଶଟା ଯାକ ଦାନ୍ତକୁ ଦେଖେଇ ଠୋ' ଠୋ' ମାରି ହସୁଥାଏ ।

ସେ କଥା ଦେଖି ଋକ୍ମିଣୀ ଖୁବ୍ ଡରିଗଲା । ସେ ମନରେ ଭାବିଲା—
ଏ ଟୋକାର ଦାନ୍ତ ଯେତେବେଳେ ଭାଙ୍ଗୁନ—ସ୍ୱା' ହାଡ଼ ମୋ' ହାଡ଼ଠୁଁ
ନିଶ୍ଚୟ ଟାଣ ! ଖାଇଲି ଲୋ ବୋପା ! ଆଜ ସ୍ୱା' ହାତରେ ମୋ'
ଜୀବନ ଗଲା !

ଇମିତ ଭାବ, ଋକ୍ମିଣୀ ଆଉ ତାକୁ ଖାଇବ କ'ଣ—ପଛକୁ
ନଗ୍ଧହିଁ—ପ୍ରାଣ ବକଲରେ ଦୌଡ଼ୁଛି ସେ ଦୌଡ଼ୁଛି ।

Digitized by srujanika@gmail.com

ଏଣେ ଏ ଟୋକା ତାକୁ କୋଉ ଛାଡ଼େ ? ସେ ଛୁଟିଲା ପଛେ ପଛେ "ରହଃ ରହିଲେ ବୁଢ଼ୀ ଡାଆଣୀ, ଧନକୁ ତୋ ଭଲଆ ଲଣ୍ଠା । ରୁକ୍ମିଣୀର ବେକ ମୋଡ଼େ ମୁଁ । ତୁ କ'ଣ ଭାବୁଛୁ, ତୋତେ ଆଜି ମୁଁ ଛାଡ଼ିଦେବି ?

ରୁକ୍ମିଣୀ ଏଣେ ଦୌଡ଼ି ଦୌଡ଼ି ଦେଖିଲା—ଧୋବାଟିଏ ନଈ ତୁଠରେ ଲୁଗା କାଚୁଛି । ତା'ର ତ ଦୁର୍ଭାଗ୍ୟ ପଡ଼ୁଛି, ସେ ଧୋବା ଗୋଡ଼ତଳେ ପଡ଼ିଯାଇ କହିଲା—ଭାଇ, ମତେ ଟିକେ ତୁ କୋଉଠି ଲୁଚେଇ ଦେ, ତୋର ବଡ଼ ଧର୍ମ ହେବ ।

କଥାରେ ଅଛି—ଯେତେବଡ଼ ଶତ୍ରୁ ହେଲେ ବି ସେ ଯଦି ଶରଣ-ପଶିଲା ତାକୁ ତ୍ୟାଗ କରିବନି । ଧୋବା ଏବେ ସେଇ କଥା ମନେପକେଇ ରୁକ୍ମିଣୀକି ଯୋଉ କାଠ ଗଣ୍ଡିଟି ଥୋଇ ଲୁଗା କାଚୁଥିଲା—ତା'ର ତଳେ ଲୁଚେଇଦେଲା ।

ଏତିକିବେଳେ ସେ ବଗୁଲିଆ ଟୋକା ସେଠି ପହଞ୍ଚି କହିଲା—"କହ ରଜକ ଭାଇ ! ସେ ରୁକ୍ମିଣୀ ଗଲା କୁଆଡ଼େ ? ମୋ' ହାତରୁ ତା'ର ଆଜି ନିସ୍ତାର ନାହିଁ ।"

ଧୋବା ଏବେ ବଡ଼ ଅଡୁଆରେ ପଡ଼ିଲା । ସତ କହିଲେ ରୁକ୍ମିଣୀ ଧରାପଡ଼ିବ ! ମିଛ କହିଲେ ଏଣେ ମହାପାପ ! ଅନ୍ୟ ଉପାୟ ନପାଇ ସେ ଲୁଗାକାଚିଲାବେଳେ ହିସ୍ ହିସ୍ କହି ରୁକ୍ମିଣୀ ଲୁଚିଥିବା ଥାନଟି ଦେଖାଇ ଦେବାକୁ ଚେଷ୍ଟା କଲା ।

ଏତେ ଠାର ମାର ବଗୁଲିଆ କାହିଁକି ବୁଝିବ ? ସେ ସେଉଠୁ ରୁକ୍ମିଣୀକି ଖୋଜି ଖୋଜି ଆଗକୁ ଚାଲିଲା ।

ବଗୁଲିଆ ଚାଲିଯିବାପରେ ରୁକ୍ମିଣୀ ଲୁଗାକଚା କାଠଗଣ୍ଡି ତଳୁ ବାହାରିଲା । ଧୋବାକୁ କହିଲା—"ଭାଇ ! ମତେ ତୁ ଆଜି ବଞ୍ଚେଇ ଦେଇ ମୋର ବଡ଼ ଉପକାର କରିଛୁ । ସେଥିପାଇଁ ତୋତେ ଧନରତ୍ନ ଦେଇ ରଜା କରିଦେବି । ଯେତେଦିନଯାଏ ତୁ ଏବଂ ତୋ ବଂଶଧରମାନେ

Digitized by srujanika@gmail.com

ମତେ ପୂଜା କରୁଥିବ···ସେତେଦିନ ଯାଏ ତୁମେମାନେ ରାଜା ହୋଇ ରହିଥିବ । କିନ୍ତୁ ଆଉ ଗୋଟିଏ କଥା । ଅମୃତରେ ଜହର ଦେଲାଭଳି ତୁ' ମତେ ଏଣେ ବଞ୍ଚିବାଲାଗି ସୁଯୋଗ ଦେଲୁ । ତେଣେ···ହ୍ୱିସ୍ ହ୍ୱିସ୍ କହି ମୋ ଟୋକାକୁ ମୋ' ଲୁଚିବା ସ୍ଥାନ ଦେଖେଇ ଦେବାକୁ ବସିଥିଲୁ । ସେଥିପାଇଁ ତୋତେ ମୁଁ ଅଭିଶାପ ଦେଉଛି···ତୁ' ଏକା କ'ଣ, ତୋ' ଜାତିର ଲୋକେ ଏଣିକି ଲୁଗା କାଚିବାବେଳେ ହ୍ୱିସ୍ ହ୍ୱିସ୍ କରିବେ । ତା ନହେଲେ ସେମାନଙ୍କର ଅମଙ୍ଗଳ ହେବ !"

ଏତିକି କହି ଧୋବାକୁ କିଛି ଧନରତ୍ନ ଦେଇ ରୁକ୍ମିଣୀ ସେ ରାଜ୍ୟ ଛାଡ଼ି କୁଆଡ଼େ ନାହିଁ କୁଆଡ଼େ ଚାଲିଗଲେ । ମାତ୍ର ତା' ଅଭିଶାପ ଫଳରେ ସେଇଦିନଠୁଁ ଧୋବାମାନେ ଲୁଗାକାଚିଲା ବେଳେ ହ୍ୱିସ୍ ହ୍ୱିସ୍ କରନ୍ତି ।

●

Digitized by srujanika@gmail.com

ଦୁ' ସଙ୍ଗାତ

ଚାଷୀ ପୁଅ ଏବଂ ମହାଜନ ପୁଅ ଦୁଇ ସଙ୍ଗାତ । ଦୁଇ ସଙ୍ଗାତଙ୍କ ଭିତରେ ଭାରି ମନ ମିଳେ । କେହି କାହାକୁ ଦଣ୍ଡେ ଛାଡ଼ିପାରନ୍ତି ନାହିଁ । ଦୁହେଁ ବଡ଼ ହେଲେ । ବାହା ସାହା ହେଲେ । ବାପ ଅନ୍ତେ ଘର ଚଳେଇଲେ । ଓଳ ଖେଳ କୋଳ । ଯିଏ ଯୋଉ ଘରର ପିଲା, ତା'ର କାରବାର ସେମିତି । ମହାଜନ ପୁଅ ଖୁବ୍ ଚାଲାକ ଆଉ ଚତୁର । କିନ୍ତୁ ଚାଷୀ ପୁଅଟି ବଡ଼ ସରଳ ଏବଂ ସାଧୁ ସ୍ୱଭାବର । ଛନ୍ଦ କପଟ ଜାଣେନି । ଗରିବ ହେଲେ କ'ଣ ହେବ ଭାରି ପରିଶ୍ରମୀ ।

ଦିନକର ଦୁ'ସଙ୍ଗାତଯାକ ଗୋଟେ ବିଚାର କଲେ । ମହାଜନ ପୁଅ କହିଲା—'ସଙ୍ଗାତ, ଚାଲ ଏ ବର୍ଷ ସାଙ୍ଗ ହୋଇ ଚାଷ କରିବା ।'

ଚାଷୀପୁଅ ହଁ କଲା ।

କଥା ହେଲା, ସେମାନେ ଧାନ ଚାଷ କରିବେ । ସେଇଠୁ ଜମି ଚଷିଲେ । ଧାନ ବୁଣିଲେ । ଧାନରେ ପାଣି ମଡ଼େଇଲେ । ବେଉଷଣ କଲେ । କେତେଦିନରେ ଧାନ ପାଚିଲା ।

ମହାଜନ ପୁଅ ତ ଇମିତି ସିମିତି ନୁହେଁ—ସେ ଭାରି ସିଆଣିଆ । ପଚାରିଲା—"ସଙ୍ଗାତ, ତୁମେ ତଳ ତିନି ହାତକ ନେବ ନା ଉପର ଭାଗଖଣ୍ଡକ ନେବ ?"

ଇଏତ ବଡ଼ ସରଳ । କହିଲା—"ସଙ୍ଗାତ, ମୁଁ ମୂଳଟକ ନେବି !" ଏକଥା ଶୁଣି ମହାଜନ ପୁଅ ମନେ ମନେ ଭାରି ଖୁସି । ଆଗେ ଆଗରୁ ଧାନଟକ ମୁଣ୍ଡେଇ ଘରକୁ ଗଲା । ଚାଷୀପୁଅ ନେଲାବେଳକୁ ତୁଚ୍ଛା ନଡ଼ାଟକ ! ସେ ଯେତେବେଳେ ନଡ଼ାଟକ ନେଇ ଘରେ ପହଞ୍ଚିଲା—ତା' ଭାର୍ଯ୍ୟା ଦେଖି ପଚାରିଲା—"କି ଗୋ, ଏ କ'ଣ ? ସଙ୍ଗାତକୁ ଧାନଟକ

Digitized by srujanika@gmail.com

ଦେଇ ତୁମେ କ'ଣ ପାଳଯାକ ଆଣିଛ ? ତୁମେ ଆଣିଲନି ଅଗଚକ ! ଛି ଛି ତୁମର ଏଇ ବୁଦ୍ଧି !

ଆଉ ବାଟେଇ କଖାଡ଼ ଟାକଗୁଲା ହେଲେ କ'ଣ ହେବ—ନେଡ଼ଗୁଡ଼ ଚ କନ୍ଦୁଣିକ ବୋହିଗଲାଣି । ଦ୍ୱଯ୍ୟାର ହେଲେଣି ଦେଖି ଚନ୍ତ୍ରୀ ପୁଅ ଠିଆହୋଇ ହୋଇ ଆପଣା ମନକୁ କଅଣ ବଢ଼େ ପାଞ୍ଚିଲା । ସେଇଠୁ କହିଲା—"ଓ ହୋ, ଏଇଥରକ ଭୁଲିଗଲି । ଏଣିକି ନିଶ୍ଚେ ଅଗ ଆଣିବି ।"

ରାତ ପାହିବାଯାଏ ନାହିଁ—ସେ ଯାଇ ସଙ୍ଗାତ ଘରେ ପହଞ୍ଚିଲା । କହିଲା—"ସଙ୍ଗାତ, ତୁମେ ଇମିତି କି ଧାନ ବାଣ୍ଟିଲ ଯେ—ମୁଁ ଗଲା ଘର ମଣିଷଠୁଁ ଗାଳି ଶୁଣି ଶୁଣି ଅଥା··· । ଏଇଥର ଯାହା ଗୁଣ୍ଡ କର ମୁଁ ବେଳସ୍ରୁଁ କହିଦେଉଛି ଏଜା, ଅଗଚକ ମୁଁ ନେବ । ମୂଳଚକ ତୁମେ ନେବ ।"

ବୋକା ଡାଳେ ଡାଳେ ଗଲେ ବୁଦ୍ଧିମାନ ପତରେ ପତରେ ଯାଏ । ମହାଜନ ପୁଅ ସେଥିରେ ରାଜି ହୋଇ ସେ ସାଲେ ପ୍ରସ୍ତାବ ଦେଲା ଆଖୁଚାଷ କରିବାକୁ । ତହୁଁ ଦୁ'ସଙ୍ଗାତଯାକ ମିଶି ପୁଣି ଆଖୁଚାଷ କଲେ । ଆଖୁ ଯେମିତି ପାକଲ ହୋଇ କଟାଗଲା, ମହାଜନ ପୁଅ ମନେକରିଦେଲା—"ସଙ୍ଗାତ, ତୁମେ ପରା ଅଗଚକ ନେବ କହିଥିଲ ?"

ଚନ୍ତ୍ରୀପୁଅ 'ହଁ' ଭଣିଲା ।

ତହୁଁ ମହାଜନ ପୁଅ ଆଖୁଚକ ନେଇ ଘରକୁ ଗଲା । ଚନ୍ତ୍ରୀ ପୁଅ ଆଖୁର ଅଗ ପତର, ଚଅଁର ସବୁ ନେଇ ଘରଯା ପାଖରେ ଜମେଇ ଦେଲା !

ସେ କଥା ଦେଖି ଘରଜା ମୁଣ୍ଡକୁ ତା'ର ପିତ୍ତ ଚଢ଼ିଲା । ଯାହା ମନକୁ ଆସିଲା ଗେରସ୍ତକୁ ତା'ର ଗାଳିଦେଲା । କିନ୍ତୁ କଅଣ ବା ଆଉ ଉପାୟ ଅଛି ! ଦୁହେଁ କପାଳକୁ ଆଦରି ରହିଲେ !

ଗଲା କିଛିଦିନ ବାହାରି । ଦୁ'ସଙ୍ଗାତଯାକ ବସ୍ତର କରି ଦିନକର ଗୋଟିଏ ଗାଈ କିଣିଲେ । ଗାଈଟି ଦୁହାଁଳିଆ । ଓଳିକେ ସେରେ ଦେଢ଼ସେର ନିତ୍ୟାନ (କ୍ଷୀର) ଦିଏ ।

Digitized by srujanika@gmail.com

ଏଥର ପୁଣି ଦୁହିଁଙ୍କ ଭିତରେ କଥା ପଡ଼ିଲା । ସବୁବେଳେ ତ ମହାଜନ ପୁଅ ସଙ୍ଗାତର ସରଳତାର ଫାଇଦା ଉଠଉଥାଏ । ଏଥର ମଧ୍ୟ ସେ ଗାଈର ଲାଞ୍ଜ ପାଖ ନେଲା । ସଙ୍ଗାତକୁ ଦେଲା—ଗାଈର ମୁହଁ ପାଖ ।

[ମହାଜନ ପୁଅ ଆଖୁଡାଳ ନେଉଛନ୍ତି ଓ ସଙ୍ଗାତ ପତ୍ରଡାଳ ନେଉଛନ୍ତି]

ଢନପାଳ ଚନ୍ଦ୍ରୀପୁଅ ଗାଈକୁ ନେଇ ଚରାଏ । ବୁଲାଏ । ଘାସନଡ଼ା କୁଣ୍ଡା, ତୋରାଣୀ ଖାଇବାକୁ ଦିଏ । ଏଣେ ପଛ ପାଖରୁ ମହାଜନ ପୁଅ ଦି' ଓଳି ଦୁଧପାଳ ଦୁହିଁନିଏ । ଗୋବରଡାଳ ମଧ୍ୟ ଜାଳିବା ପାଇଁ ନିଏ । ଜଣେ ଖଟିଖଟି ମରୁଛି ନାହିଁ । ଜଣେ ବସି ଶୋଇ

Digitized by srujanika@gmail.com

ଘିଅରେ ଖାଇ ଦୁଧରେ ହାତ ଧୋଉଥାଏ । ଜଣଙ୍କର ପିଲାଏ ହେଜ ଉପାସରେ ଗଡ଼ନ୍ତି । ଆଉ ଜଣକର ଭୂତ ଭୋଜନ ସାଙ୍ଗକୁ ଲଗିଥାଏ ନୂଆ ଘରଡୋଳା···

ଗେରସ୍ତ ସିନା ନବୁଝିଆ, ସରଳ ଭାର୍ଯ୍ୟା ତ ଆଉ ଓଲ ନୁହେଁ ! ଧନକର ସେ ଏ କଥାର ଟେର ପାଇଲା । ଠୋକର ଖାଇ ଖାଇ ତ ଏଥିମଧ୍ୟରେ ସେ ବୁଦ୍ଧି ଶିଖିଛି—, ଗେରସ୍ତକୁ ଡାକ କରି କହିଲା—"ହଇଗୋ, କେତେଦିନ ମହାପାତ୍ରେ ଏମିତି ମାରି ନେଉଥିବେ—ଆଉ ତୁମେ ଜଳକା ହୋଇ ବସି ଅନେଇଥିବ ? କ୍ଷେତରେ ଯା' ହେଲା ନେଲା । ବାରିରେ ଯା' ହେଲା ନେଲା । ଏବେ ଗାଈଟା ବି ଚାଲିଲା ! ଇମିତି ଭଲା ଆମର ଜୀବନ ରହିବ ? ନା ଆଉ ନୁହେଁ···ଯାହା ହେବାର ଯଥେଷ୍ଟ ହେଲାଣି—ତୁମେ ଗୋଟିଏ କାମକର । ଆମର ତ ଗାଈର ମୁହଁ ପାଖ ପଡ଼ିଛି—ଯେତେବେଳେ ସଙ୍ଗାତ ତୁମର ଦୁଧ ଦୁହିଁବ···ତୁମେ ସେତେବେଳେ କ'ଣ କରିବ ନା, ଗାଈ ମୁହଁକୁ ଦେଖେଇ ହ' ଠେଙ୍ଗା ପକେଇବ ଯେ—ଗାଈ ହୁରୁଡ଼ି ଯାଇ ଆଉ ଦୁଧ ଦେବନି । ମୁହଁ ଆଡ଼ଟା ତ ଆମର । ଆମେ ଯା' ଇଚ୍ଛା ତା' କରିପାରିବା ! ସେଥିରେ ସଙ୍ଗାତର କ'ଣ ଅଛି । ଗୁଡ଼ି ଯାଉ ତା' ଦୁଧ ଦହି ଖିଆ ନଶା !"

ତହିଁଆର ଦିନ ତନ୍ତୀପୁଅ ସିମିତି କଲାରୁ ଗାଈ ହୁରୁଡ଼ି ଯାଇ ଆଉ ଦୁଧ ଦେଲା ନାହିଁ । ମହାଜନପୁଅର ଏକାଥରକେ ଅକଲ ଗୁଡ଼ୁମ୍ ! "ଆରେ, ଏ ବୋକାଟାକୁ ଏ ବୁଦ୍ଧି ବତେଇଲା କିଏ ?"

ଆଉ କିଛି ଉପାୟ ନ ଦେଖି ଶେଷକୁ ସେ ଗାଈଟାକୁ ଛକଦେବା ଲାଗି ସଙ୍ଗାତକୁ କହିଲା ।

ତା'ପରେ କିଛିଦିନ ଗଲା । ଆସିଲା ଶୀତଦିନ । ମାଘ ମାସ, ବାଘପଡ଼ିକା ଶୀତ ହେଉଥାଏ । ଦୁଇ ସଙ୍ଗାତଯାକ ପୁଣି ବସି ବିଚାର କରି ହାଟରେ କମ୍ବଳ ଖଣ୍ଡିକ କିଣିଲେ । ମହାଜନ ପୁଅର ବ୍ୟବସାୟରେ ଥରୁଟିଏ ହାନି ହୋଇଛି ।—ତା'ର ତ ମନ ଭିତରେ ରାଗ ଜଳୁଛି । ସେ ତନ୍ତୀପୁଅକୁ କହିଲା—"ସଙ୍ଗାତ, କମ୍ବଳଟା ଦିନଯାକ ତୁମର, ରାତି ହେଲେ ମୋର ।"

Digitized by srujanika@gmail.com

ଚନ୍ତୀପୁଅ 'ହଁ' ଭରିଲା ।

ସେଦିନୁ ମହାଜନପୁଅ ମହା ମଉଜରେ କମ୍ବଳଟି ଘୋଡ଼େଇ ହୋଇ ରାତିସାରା ଶୁଏ । ଦିନ ହେଲେ ସଙ୍ଗାତକୁ ଦିଏ । ସଙ୍ଗାତ ଏଣେ ରାତିସାରା ଶୀତରେ କମ୍ପୁଥାଏ । ଦିନରେ ବା କମ୍ବଳ ତା'ର କି କାମ ଦେବ ? ଖାଲି ସାଇତା ହୋଇ ରହିବା କଥା !

ଏ କଥା ତା'ର ଘରଣୀକୁ ବଡ଼ ବାଧିଲା । ସେଉଠୁ ସେ ତା'ର ଗେରସ୍ତକୁ କହିଲା—"ଦିନସାରା ତ କମ୍ବଳ ତୁମର । ଆଜି ଯିମିତି ସଞ୍ଜ ହେବ, ତୁମେ କଅଣ କରିବ ନା ସିମିତି କମ୍ବଳକୁ ପାଣିରେ ବୁଡ଼େଇ ଓଦା ଜୁଡୁବୁଡୁ କରି ରଖିଦେଇଥିବ । ତାକୁ ନେଇ ଯେତେ ଘୋଡ଼େଇ ହେବାର କଥା, ସେତେ ଘୋଡ଼େଇ ହେଉଥାନ୍ତୁ ତୁମର ସଙ୍ଗାତ । ଆରେ…"

କଥାଟି ଚନ୍ତୀପୁଅ ମନକୁ ବେଶ୍ ପାଇଲା । ସେଦିନ ସଞ୍ଜକୁ କମ୍ବଳଟିକୁ ସେ ପାଣିରେ ବୁଡ଼େଇ ନେଇ ସଙ୍ଗାତ ଘରେ ଦେଇ-ଆସିଲା ।

ଓଦା କମ୍ବଳ ଦେଖି ସଙ୍ଗାତର ଚୁଲିଖି ବୁଝିପାରିଲା । ମହାଜନ ପୁଅ—"ନାଇରେ ବାପା, ଆଉ ଏଣିକି ସଙ୍ଗାତକୁ ପାରି ହେବନି ।" ହାରି ଯାଇ ମନେ ମନେ ସେ ବଡ଼ ଲାଜ ପାଇଲା । ସେଇଦିନୁ ସଙ୍ଗାତକୁ ଠକିବା ଅଭ୍ୟାସ ତା'ର ଛାଡ଼ିଗଲା । ବ୍ୟସ୍ତ ବିକଳ ହୋଇ ସେ ସାଙ୍ଗ କଟେଇଦେଲା ।

ଚନ୍ତୀର ଘରଣୀ ସେ କଥା ଶୁଣି ବଡ଼ ଖୁସି ହେଲା । ସେମାନେ ବି ସେଇଦିନୁ ଶାନ୍ତିରେ ନିଶ୍ୱାସ ମାରିଲେ ।

●

ଟିପ୍ପଣୀ :

ବିଷଧର ସର୍ପ ଏବଂ ନେଉଳ ଏ ଦୁହେଁ ଲଢ଼େଇରେ ଅବତୀର୍ଣ୍ଣ ହେଲେ ଶେଷରେ ସାପର ନୁହେଁ…ନେଉଳର ହିଁ ବିଜୟ ହେବ । ସବୁଦିନେ ଜଣକୁ ଜଣେ ଶୋଷଣ କରିପାରିବନି । ରାତ୍ରୀ ପରେ ପ୍ରଭାତ ଆସେ । ଦିନେ ନା ଦିନେ ଶୋଷଣର ଅବସାନ ଘଟିବ । ଗପଟିରେ ଏହି ଆଶା ଏବଂ ଆଶ୍ୱାସନା ହିଁ ଭରିରହିଛି ।

●

Digitized by srujanika@gmail.com